READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୪ | ସଂଖ୍ୟା-୪୨ | ୨ - ୮ ନଭେମ୍ବର, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-42 | 2nd - 08th NOVEMBER, 2020 | BHUBANESWAR | ₹ 5/- (8 Pages)


## ମହାବଳୀ କନଷ୍ଟେବଲ !

# ଦରମା ଠାରୁ ଅଧିକ ଚାରିଗୁଣ ଖର୍ଚ୍ଚ

**ଭୁବନେଶ୍ୱର :** ଅନେକ ସମୟରେ ଖାକିରେ କଳଙ୍କ ବୋଲି ଶୁଣିବାକୁ ମିଳେ, ହେଲେ ଏ କଳଙ୍କ ପଛରେ ନିଶ୍ଚୟ କିଛି ଘଟଣା ରହିଛି। ଏହି ଘଟଣାକୁ ସାଧାରଣ ଲୋକ ସହଜରେ ଜାଣିପାରନ୍ତିନାହିଁ। ଯେତେବେଳେ ଘଟଣା ପଦାକୁ ଆସେ ସେତେବେଳେ ଗୁମର ଖୋଲି ସାରିଥାଏ। ସରକାରୀ ଚାକିରୀରେ ଅସାଧୁ କର୍ମଚାରୀଙ୍କ ସଂଖ୍ୟା କିଛି କମ ନୁହେଁ। ଏମାନଙ୍କ ଯୋଗୁ ରାଜକୋଷର ବିପୁଳ କ୍ଷତି ହେଉଥିଲେ ବି ତାହାକୁ ତିଳେମାତ୍ର ସେମାନେ ଚିନ୍ତା ନକରି ନିଜ ସ୍ୱାର୍ଥ ହାସଲ ପାଇଁ ଯେକୌଣସି ପନ୍ଥା ଆପଣାଇବାକୁ କୁଣ୍ଠାବୋଧ କରନ୍ତିନାହିଁ। ଛୋଟ




ଛୋଟ ପଦବୀରେ ଥିଲେ ସୁଦ୍ଧା ଏମାନଙ୍କର ବଡ ବଡ କାରନାମା ରହିଛି। ସ୍ୱଳ୍ପ ବେତନଭୋଗୀ ହୋଇ ସୁଦ୍ଧା ଏମାନେ ରାଜକୀୟ ଜୀବନଯାପନ କରିବାରେ ଲୋଭ ରଖନ୍ତି। ଏହି ଲୋଭକୁ ଫଳବତୀ କରିବାକୁ ଯାଇ ସେମାନେ ଅନ୍ୟାୟ ଅନୀତି କରି ଅର୍ଥ ଉପାର୍ଜନ କରିବା ସହିତ ସାଧାରଣ ଲୋକଙ୍କୁ ଶୋଷଣ କରିଥାନ୍ତି। ସେଭଳି କିଛି ଅସାଧୁ କର୍ମଚାରୀ ବା ଦୁର୍ନୀତିଗ୍ରସ୍ତ କର୍ମଚାରୀ କମିଶନରେଟ୍ ପୋଲିସରେ ଗାଦି ମାଡି ବସି ସମସ୍ତ ପ୍ରକାର ସୁଖ ସୁବିଧା ହାସଲ କରିବାରେ ଲାଗିପଡିଛନ୍ତି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱର ଡିସିପି ଅଫିସରେ କାର୍ଯ୍ୟ କରୁଥିବା କିଛି କନଷ୍ଟେବଲ ଏତେ ପରିମାଣର ଟଙ୍କା ରୋଜଗାର କରୁଛନ୍ତି ଯେ, ବିଳାସବ୍ୟସନରେ ସମୟ ବିତାଇ ଚାଲିଛନ୍ତି। ଦୀର୍ଘବର୍ଷ ଧରି ଗୋଟିଏ କାର୍ଯ୍ୟାଳୟରେ ରହିବା ଫଳରେ ଏମାନେ ଏକପ୍ରକାର ମନମୁଖୀ କାର୍ଯ୍ୟ କରିବା ସହିତ ଲାଞ୍ଚ ଖାଇବାରେ ଓସ୍ତାଦ ପାଲଟି ଗଲେଣି। ଯାହାକୁ ଜାଣି ସୁଦ୍ଧା ଅଜଣା ହେଉଛି ପୋଲିସ ବିଭାଗ। ଭୁବନେଶ୍ୱର କମିଶନରେଟ୍ ଅଧୀନରେ କାର୍ଯ୍ୟ କରୁଥିବା କିଛି କନଷ୍ଟେବଲ ଏଭଳି ବାହୁବଳୀ ଯାହା ଭଲ ଭାବେ ଖବର ନନେଲେ ବୁଝିହେବନାହିଁ। ଏମାନଙ୍କ ସମ୍ପର୍କରେ ବିଭାଗ ଖବର ରଖିଛି କିମ୍ବା ନାହିଁ ତାହା ତଦନ୍ତ ସାପେକ୍ଷ। ଏଭଳି ଘଟଣାର ଗୁରୁତ୍ୱକୁ ଅନୁଶୀଳନ କଲେ ଜଣାପଡେ ଯେ, ଦୀର୍ଘବର୍ଷ ହେବ ଭୁବନେଶ୍ୱର ଡିସିପି ଅଫିସରେ କାର୍ଯ୍ୟ କରୁଥିବା କିଛି ➤ ପୃ-୬

## ନଭେମ୍ବର ପାଇଁ ଜାରି ହେଲା ଅନ୍‌ଲକ ଗାଇଡଲାଇନ

# ସ୍କୁଲ୍, ମନ୍ଦିର ଖୋଲିବା ନିଷ୍ପତ୍ତି ଝୁଲିଲା

**ଭୁବନେଶ୍ୱର :** ଓଡ଼ିଶା ସରକାର କେତେକ କଟକଣା ସହ ଆସନ୍ତା ନଭେମ୍ବର ୧୬ ପରେ ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ଅନ୍‌ଲକ୍ ୬.୦ ଗାଇଡ୍‌ଲାଇନ୍‌ରେ ସୂଚନା ଦେଇଛନ୍ତି। ନବମରୁ ଦ୍ୱାଦଶ ବ୍ୟତୀତ ସବୁ ଶିକ୍ଷାନୁଷ୍ଠାନ ୩୦ ଯାଏଁ ବନ୍ଦ ରହିବ। ଏହାବ୍ୟତୀତ ଉଚ୍ଚଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟରତ ଶିକ୍ଷାନୁଷ୍ଠାନରେ କେବଳ ରିସର୍ଚ୍ଚ ମେଧାବୀ ଛାତ୍ରଛାତ୍ରୀ, ପୋଷ୍ଟ ଗ୍ରାଜୁଏଟ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ବର୍ଗରେ ଲାବୋରୋଟୋରୀ ଓ ପରୀକ୍ଷାମୂଳକ କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦ୍ୱାରା ଜାରି ଗାଇଡ୍‌ଲାଇନ୍ ସମ୍ପର୍କରେ ସେ ଅବଗତ ଅଛନ୍ତି। ଗାଇଡ୍‌ଲାଇନ୍‌ରେ ନଭେମ୍ବର ୧୬ରୁ ୯ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଲାଗି ସ୍କୁଲ୍ ଖୋଲିବାକୁ କୁହାଯାଇଛି। ଏଥିପାଇଁ ବିଭାଗ ପ୍ରସ୍ତୁତ ରହିଛି। ତେବେ ସ୍କୁଲ ଖୋଲିବା ନେଇ ଏସ୍‌ଓପି ପ୍ରସ୍ତୁତି ଲାଗି ସମସ୍ତ ପକ୍ଷଙ୍କ ସହ ଆଲୋଚନା କରିବାକୁ ସେ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଓପି ପ୍ରସ୍ତୁତି ପରେ କେଉଁ ତାରିଖରୁ ପାଠପଢ଼ା ଆରମ୍ଭ ହେବ ସେ ସମ୍ପର୍କରେ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏ ନେଇ ଏସ୍‌ଆର୍‌ସିଙ୍କୁ ପ୍ରସ୍ତାବ ପଠାଇ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି। ଆଜି ଏସ୍‌ଆର୍‌ସିଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନ୍‌ରେ ନଭେମ୍ବର ୧୬ ପରେ ୯ମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ସ୍କୁଲ ଖୋଲିବା ନେଇ ଘୋଷଣା କରାଯାଇଥିଲା। ଏଥିପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏସଓପି ପ୍ରସ୍ତୁତ କରିବେ ବୋଲି ଏଥିରେ କୁହାଯାଇଥିଲ। ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ସ୍କୁଲ୍ ଖୋଲିବା ନେଇ ମତ ରଖିଛନ୍ତି ଭୁବନେଶ୍ୱର ମହାନଗର ନିଗମ ଅଧକ୍ଷ ପ୍ରେମଚାନ୍ଦ ଚୌଧୁରୀ। ସେ କହିଛନ୍ତି, ଗଣଶିକ୍ଷା ବିଭାଗ ପକ୍ଷରୁ ୯ମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ସ୍କୁଲ ଖୋଲିବା ନେଇ ଏସ୍‌ଓପି ପ୍ରସ୍ତୁତ କରାଯାଉଛି। ଏହି ଏସ୍‌ଓପି ଜାରି ହେବା ପରେ ଭୁବନେଶ୍ୱରରେ ସ୍କୁଲ ଖୋଲିବ। ବର୍ତ୍ତମାନ ଏ ସଂକ୍ରାନ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କି ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ତା'ଉପରେ ନଜର ରଖିଛୁ। ରାଜ୍ୟରେ ମନ୍ଦିର ଖୋଲିବାକୁ ସବୁଜ ସଙ୍କେତ ଦେଇଛନ୍ତି ରାଜ୍ୟ ସରକାର। ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନର ଅନୁମତିରେ ➤ ପୃ-୬

# ନିଷ୍ପତ୍ତି ସର୍ବଦା ଲୋକଙ୍କ ହିତ ସାଧନ କରୁଥିବା ଆବଶ୍ୟକ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶିକ୍ଷଣ ନେଉଥିବା ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ସେମାନଙ୍କ ପ୍ରତ୍ୟେକ ନିଷ୍ପତ୍ତି ସାଧାରଣ ଲୋକଙ୍କ ହିତ ସାଧନ କରୁଥିବା ଆବଶ୍ୟକ। ଷ୍ଟାଚ୍ୟୁ ଅଫ୍ ୟୁନିଟିରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ଆରମ୍ଭ-୨୦୨୦' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଅଧିକାରୀମାନଙ୍କୁ ସଦାସର୍ବଦା ଲୋକମାନଙ୍କ ସହ ରହିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିଶ୍ୱାସ କରୁଥିଲେ ଯେ ଦେଶର ନାଗରିକଙ୍କ ସେବା କରିବା ବର୍ତ୍ତମାନ ତୁମର ସର୍ବୋଚ୍ଚ କର୍ତ୍ତବ୍ୟ ହେବା ଉଚିତ୍। ଏହି କ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରଶାସନିକ କର୍ମଚାରୀ ଯାହା ବି ନିଷ୍ପତ୍ତି ନିଅନ୍ତୁ ତାହା ଦେଶର ଏକତା ଅଖଣ୍ଡତାକୁ ଦୃଢ କରିବା ଆବଶ୍ୟକ। ସେ କହିଛନ୍ତି, ପ୍ରଶାସନିକ ଅଧିକାରୀ ଯେଉଁଠାରେ କାର୍ଯ୍ୟ କରୁଛନ୍ତି ସେହି ଅଞ୍ଚଳ ଛୋଟ ହୋଇପାରେ, ସେ



ପରିଚାଳନା କରୁଥିବା ବିଭାଗ ଛୋଟ ହୋଇପାରେ, କିନ୍ତୁ ନିଷ୍ପତ୍ତି ସର୍ବଦା ଲୋକମାନଙ୍କର ହିତ ସାଧନ କରୁଥିବା ଆବଶ୍ୟକ। ବଡ ସଙ୍କଟ ଆସୁ କି ପରିବର୍ତ୍ତନ ଆସୁ, ଏକ ଦୃଢ ଶକ୍ତି ଭାବରେ ଦେଶକୁ ଅଗ୍ରଗତି କରିବାରେ ଉପଯୋଗ କରିବା ଆମ ଦାୟିତ୍ୱ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଦେଶରେ ନୂତନ ପରିବର୍ତ୍ତନ ପାଇଁ, ନୂତନ ଲକ୍ଷ୍ୟ ହାସଲ ପାଇଁ, ନୂତନ ମାର୍ଗ ଏବଂ ନୂତନ ଉପାୟ ଅବଲମ୍ବନ କରିବା କ୍ଷେତ୍ରରେ ➤ ପୃ-୬

# ସୁଶାସିତ ରାଜ୍ୟ ତାଲିକାରେ ଓଡ଼ିଶା ତଳଆଡୁ ଦ୍ୱିତୀୟ




**ଭୁବନେଶ୍ୱର :** ବେଙ୍ଗାଲୁରୁର ପବ୍ଲିକ ଆଫେୟାର୍ସ ସେଣ୍ଟର (ପିଏସି)ପକ୍ଷରୁ ପବ୍ଲିକ୍ ଆଫେୟାର୍ ଇଣ୍ଡେକ୍ସ-୨୦୨୦ ର୍‍ୟାଙ୍କିଙ୍ଗ୍ ପ୍ରକାଶ କରାଯାଇଛି। ଏଥିରେ କେରଳ ବଡ଼ ରାଜ୍ୟ ମଧ୍ୟରେ ସବୁଠାରୁ ସୁଶାସିତ ରାଜ୍ୟ ଭାବେ ତାଲିକାର ଶୀର୍ଷରେ ରହିଛି। ତେବେ ଉତ୍ତରପ୍ରଦେଶ ତାଲିକାର ନିମ୍ନରେ ରହିଛି। ସ୍ଥାୟୀ ବିକାଶ ସନ୍ଦର୍ଭରେ ଏକୀକୃତ ସୂଚକାଙ୍କ ଉପରେ ଏହି ବାର୍ଷିକ ରିପୋର୍ଟ ଆଧାରିତ ବୋଲି ପିଏସି ସଂଗଠନ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଶାସନ କ୍ଷେତ୍ରରେ ବଡ଼ ରାଜ୍ୟ ଶ୍ରେଣୀରେ ପ୍ରଥମ ୪ଟି ସ୍ଥାନରେ କେରଳ (୧.୩୮୮ ପିଏଆଇ ସୂଚକାଙ୍କ), ତାମିଲ୍‌ନାଡୁ (୦.୯୧୨), ➤ ପୃ-୬

## ବକ୍ରବାଣୀ



ବାଲେଶରିଆଟେ ମୁଁ ହେଇଥା'ନ୍ତି
କେତେ ମଜା ଏବେ ମୁଁ ନେଇଥା'ନ୍ତି
ଦିନରାତି ମାଉଁସ ଖାଇଥା'ନ୍ତି
ବିଲାତି ପାଣି ଖାଲି ପିଇଥା'ନ୍ତି
ନେତାଙ୍କ ସାଙ୍ଗେ କେତେ ବୁଲିଥା'ନ୍ତି
ଲମ୍ବା ଲମ୍ବା ଭାଷଣ ଶୁଣିଥା'ନ୍ତି
ଫେସବୁକରେ ଫଟୋ ଛାଡିଥା'ନ୍ତି
କେତେ ଭେଳିକି ସତେ କରିଥା'ନ୍ତି
ମିଛୁଟାରେ ପ୍ରସାଦ ଛୁଇଁଥା'ନ୍ତି
ଟଙ୍କା ନେଇ ଭୋଟ ଦେଇନଥା'ନ୍ତି।

—— ଟୁଟୁ

## ଏକାମ୍ର କ୍ଷେତ୍ର ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ

# ଉତ୍ତର ଦ୍ୱାରରୁ ଦେଖିହେବ ବିନ୍ଦୁସାଗର



**ଭୁବନେଶ୍ୱର :** ସଜେଇ ହେଉଛି ଏକାମ୍ର କ୍ଷେତ୍ର। ଏଠାରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ। ଏକାମ୍ର କ୍ଷେତ୍ରର ବିକାଶମୂଳକ କାମର ସମୀକ୍ଷା କରିଛନ୍ତି ୫-ଟି' ସଚିବ ଭିକେ ପାଣ୍ଡିଆନ। ଗତ ଶନିବାର ଭୋର ସମୟରେ ଶ୍ରୀ ପାଣ୍ଡିଆନ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଯାଇ ଉନ୍ନତିମୂଳକ କାମର ଅନୁଧ୍ୟାନ କରିଥିଲେ। ବର୍ତ୍ତମାନ ସୁଦ୍ଧା ୮୦%ରୁ ଅଧିକ ଜମି ଅଧିଗ୍ରହଣ ସରିଥିବା ବେଳେ ସମସ୍ତ ଜମି ଅଧିଗ୍ରହଣ କାମ ନଭେମ୍ବର ସୁଦ୍ଧା ସରିବ ବୋଲି ଜଣାଯାଇଛି। ଏହାସହିତ ଏକ ବିକଳ୍ପ ରାସ୍ତା ନିର୍ମାଣ ପାଇଁ ମଧ୍ୟ ଯୋଜନା ରହିଛି। ନଭେମ୍ବର ମାସ ଶେଷ ➤ ପୃ-୬







EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା** ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ବିଛା** ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ** ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ପ୍ରଦୂଷଣ ରୋକିବାକୁ ନୂଆ ଆଇନ

# ଉଲ୍ଲଙ୍ଘନ କଲେ ୫ ବର୍ଷ ଜେଲ୍

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ଅଧ୍ୟାଦେଶ ଜରିଆରେ ଦିଲ୍ଲୀ-ଏନ୍‌ସିଆର ଅଞ୍ଚଳରେ ପ୍ରଦୂଷଣ ରୋକିବାକୁ ନୂଆ ଆଇନ ଆଣିଛନ୍ତି। କେବଳ ଦିଲ୍ଲୀ-ଏନ୍‌ସିଆର ନୁହେଁ, ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏହି ଅଧ୍ୟାଦେଶ ଆଣିଛନ୍ତି। ତତ୍କାଳ ଭାବେ ଏହି ଆଇନକୁ କାର୍ଯ୍ୟକାରୀ କରାଯିବ। ଆଇନ ଅନୁଯାୟୀ, ପ୍ରଦୂଷଣକୁ ରୋକିବା ପାଇଁ ୨୦ରୁ ଅଧିକ ସଦସ୍ୟ ବିଶିଷ୍ଟ ଗୋଟିଏ କମିଶନ ଗଠନ କରାଯିବ। କମିଶନର ସଦସ୍ୟମାନେ ପରସ୍ପର ସହ ଯୋଗାଯୋଗ ରଖି ଗବେଷଣା କରିବେ। ଏଥିସହ ସମସ୍ୟାକୁ ସମାଧାନ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବେ। କମିଶନ ପକ୍ଷରୁ ଜାରି ହେବାକୁ ଥିବା ନିୟମ କିମ୍ବା ନିର୍ଦ୍ଦେଶକୁ ଯଦି କେହି ଉଲ୍ଲଘଂନ କରନ୍ତି, ତା'ହେଲେ



ସେମାନଙ୍କୁ ସର୍ବାଧିକ ୫ ବର୍ଷ ଯାଏ ଜେଲ କିମ୍ବା ୧ କୋଟି ଟଙ୍କା ଯାଏ ଜରିମାନା ଦେବାକୁ ପଡିବ। କମିଶନ ବାୟୁ (ପ୍ରଦୂଷଣ ନିୟନ୍ତ୍ରଣ) ଆଇନ ୧୯୮୧ ଓ ପରିବେଶ ସୁରକ୍ଷା ଆଇନ ୧୯୮୬ ଆଧାରରେ ବିଭିନ୍ନ ନିୟମ ପ୍ରଣୟନ କରିପାରିବେ। ଏଥିସହ ଦିଲ୍ଲୀ-ଏନ୍‌ସିଆର ଓ ଏହାର ଆଖାପାଖ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି କରୁଥିବା କାର୍ଯ୍ୟକଳାପକୁ ମଧ୍ୟ କମିଶନ ଅସିଦ୍ଧ ଘୋଷଣା କରିପାରିବେ। ଆଇନ ଅନୁଯାୟୀ, ପ୍ରଦୂଷଣ ନିୟନ୍ତ୍ରଣ ଆଇନକୁ ଉଲ୍ଲଘଂନ କରୁଥିବା ବିଭାଗର ମୁଖ୍ୟ ହିଁ ଦଣ୍ଡିତ ହେବେ। କମିଶନରେ ମୁଖ୍ୟ ଶାସନ ସଚିବ କିମ୍ବା ସଚିବ ପାହ୍ୟାର ଜଣେ ପୂର୍ଣ୍ଣକାଳୀନ ଅଧକ୍ଷ ରହିବେ। ତାଙ୍କ ଅଧିନରେ ୩ଟି ସବ-କମିଟି କାର୍ଯ୍ୟ କରିବ। ପ୍ରଥମ କମିଟି ମନିଟିରିଂ ଓ ଚିହ୍ନଟ, ଦ୍ୱିତୀୟ କମିଟି ସେଫଗାର୍ଡିଂ ଓ ନିୟମକୁ କାର୍ଯ୍ୟକାରୀ କରିବ ଏବଂ ତୃତୀୟ କମିଟି ରିସର୍ଚ୍ଚ ଓ ଡେଭଲପମେଣ୍ଟ ଦିଗରେ କାମ କରିବ। ଦିଲ୍ଲୀ, ହରିଆଣା, ପଞ୍ଜାବ, ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଏହି କମିଶନର ସବୁ କମିଟି କାର୍ଯ୍ୟ କରିବେ। କମିଶନ ଓ ସବ କମିଟିରେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳର ପ୍ରତିନିଧି ରହିବେ। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ସଚିବ, ଦିଲ୍ଲୀ, ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନ ଓ ହରିଆଣାର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଟେକ୍ନିକାଲ ସଦସ୍ୟ ଓ ନୀତି ଆୟୋଗର ପ୍ରତିନିଧି କିଶନରେ ରହିବେ। ଏହାବାଦ ପରିବହନ, ନଗର ଉନ୍ନୟନ, ପେଟ୍ରୋଲିୟମ ମନ୍ତ୍ରାଳୟ, ସାଇଣ୍ଟିଫିକ୍ ଇନଷ୍ଟିଚ୍ୟୁସନର ବିଶେଷଜ୍ଞ ଓ ଏନ୍‌ଜିଓର ସଦସ୍ୟମାନେ ମଧ୍ୟ କମିଶନର ସଦସ୍ୟ ଭାବେ କାର୍ଯ୍ୟ କରିପାରିବେ। କମିଶନର ଅଧକ୍ଷ କିଏ ହେବେ, ତା'ର ନିଷ୍ପତ୍ତି ପରିବେଶ ମନ୍ତ୍ରୀଙ୍କ ଅଧକ୍ଷତାରେ ବସିବାକୁ ଥିବା ଚୟନ କମିଟି ହିଁ ନେଇପାରିବେ। ଅଧକ୍ଷ ଭାବେ ଜଣେ ବ୍ୟକ୍ତି ୩ ବର୍ଷ ଏହି ପଦରେ ରହିପାରିବେ।

## 'ଆଇଏନ୍‌ଏସ୍ କୋରା'ର ଲକ୍ଷ୍ୟଭେଦ

**ନୂଆଦିଲ୍ଲୀ :** ଶୁକ୍ରବାର ଦିନ ଭାରତୀୟ ନୌସେନା କ୍ଷୁଦ୍ର ଯୁଦ୍ଧପୋତ 'ଆଇଏନ୍‌ଏସ୍ କୋରା'ରୁ ଯୁଦ୍ଧପୋତ ବିଧ୍ୱଂସୀ କ୍ଷେପଣାସ୍ତ୍ରର ସଫଳ ବ୍ୟବହାରିକ ପରୀକ୍ଷା କରିଛି। ଭାରତୀୟ ନୌସେନା କହିବା ଅନୁସାରେ ବଙ୍ଗୋପସାଗରରେ କରାଯାଇଥିବା ଏହି ବ୍ୟବହାରିକ ପରୀକ୍ଷାରେ ସର୍ବାଧିକ ଦୂରତ୍ୱରୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରଟି ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଥିବା ଜାହାଜର ଠିକଣା ସ୍ଥାନରେ ମାଡ କରିଛି। କ୍ଷେପଣାସ୍ତ୍ରଟି ନିର୍ଦ୍ଧାରିତ ଜାହାଜରେ ଲକ୍ଷ୍ୟଭେଦ କରୁଥିବା ଏବଂ ଆକାଶକୁ ଅଗ୍ନିଶିଖା ଉଠୁଥିବାର ଚିତ୍ର ମଧ୍ୟ ଭାରତୀୟ ନୌସେନା ଟୁଇଟ୍ କରିଛି। ସୂଚନାଥାଉ କି, ଆରବ ସାଗରର କୌଣସି ଅଞ୍ଚଳରେ ଏକ ଯୁଦ୍ଧପୋତ-ନିରୋଧୀ କ୍ଷେପଣାସ୍ତ୍ର ଗୋଟାଏ ଜାହାଜକୁ ଧ୍ୱଂସ କରୁଥିବା ଭିଡିଓ ଭାରତୀୟ ନୌସେନା ଅକ୍ଟୋବର ୨୩ ତାରିଖରେ ରିଲିଜ୍ କରିଥିଲା। କ୍ଷୁଦ୍ର ଯୁଦ୍ଧପୋତ 'ଆଇଏନ୍‌ଏସ୍ ପ୍ରବାଳ'ରୁ ଏହି କ୍ଷେପଣାସ୍ତ୍ରଟି ନିକ୍ଷେପ କରାଯାଇଥିଲା।

### ଏମ୍ସ ନିର୍ଦ୍ଦେଶକଙ୍କ ସତର୍କବାଣୀ

# ତୀବ୍ର ହେଉଛି କରୋନାର ଦ୍ୱିତୀୟ ଲହର

**ନୂଆଦିଲ୍ଲୀ :** ଦେଶରେ କେତେକ ସ୍ଥାନରେ କରୋନାର ଦ୍ୱିତୀୟ ଲହର ତୀବ୍ର ହେବାରେ ଲାଗିଛି। ସାମାଜିକ ଦୂରତା ପାଳନ ନ କରିବା, ମାସ୍କ ପିନ୍ଧିବା କ୍ଷେତ୍ରରେ ଢ଼ିଲା ମନୋଭାବ ପୋଷଣ କରିବା ଯୋଗୁଁ ଏହି ସ୍ଥିତି ପହଞ୍ଚିଛି। ଦିଲ୍ଲୀ ଏହାର ପ୍ରକୃଷ୍ଟ ଉଦାହରଣ ବୋଲି କହିଛନ୍ତି ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ଡ. ଗୁଲେରିଆ। ତେବେ ସେ କରୋନାର ତୃତୀୟ ଲହର ନେଇ ହେଉଥିବା ଚର୍ଚ୍ଚାକୁ ଅସ୍ୱୀକାର କରିଛନ୍ତି। କରୋନାର ତୃତୀୟ ଲହର ଆସିନାହିଁ, ବରଂ ଦ୍ୱିତୀୟ ଲହର ଅଧିକ ଦ୍ରୁତଗତିରେ ବୃଦ୍ଧି ପାଉଛି ବୋଲି ଡ. ଗୁଲେରିଆ ସୂଚନା ଦେବା ସହ ବିନା କାମରେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ପ୍ରଦୂଷଣ ଓ କରୋନା ଭୂତାଣୁ ଉଭୟ ଫୁସଫୁସକୁ ପ୍ରଭାବିତ କରିଥାଏ। କରୋନା ଭୂତାଣୁ ଏଯାଏ ଶେଷ ହୋଇନାହିଁ ଓ ପ୍ରଦୂଷଣ ବଢ଼ିବାରେ ଲାଗିଛି। ତେଣୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ବଜାୟ ରଖିବା ଆବଶ୍ୟକ ବୋଲି ସେ କହିଛନ୍ତି। ଯଦି ଲୋକମାନେ ସତର୍କ ନ ହୁଅନ୍ତି ଓ କରୋନା ସଂକ୍ରାନ୍ତ ନିୟମର ଅନୁପାଳନ ନ କରନ୍ତି ତେବେ



ଅଧିକ ସଂକ୍ରମଣ ଆଗକୁ ଘଟିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଯୁବକମାନେ ଏହି ଜୀବାଣୁ ପ୍ରତି ଅସାବଧାନତା ଅବଲମ୍ବନ କରୁଛନ୍ତି। ସେମାନେ ଭାବୁଛନ୍ତି ସାମାନ୍ୟ ସଂକ୍ରମଣ ହେବ ଏବଂ ଆମକୁ କିଛି କରିବାର ଆବଶ୍ୟକତା ନାହିଁ। ଏହି ଧାରଣା ଭୁଲ। ଯୁବକମାନେ ଭୂତାଣୁ ନେଇ ଘରକୁ ନେଉଛନ୍ତି ଏବଂ ବୟସ୍କ ଲୋକମାନେ ଏଥିରେ ପ୍ରଭାବିତ ହେଉଛନ୍ତି ବୋଲି ସେ କହିଛନ୍ତି। ଟିକା ପ୍ରସଙ୍ଗରେ ସେ କହିଛନ୍ତି ଯେ, କେବଳ ଟିକା ନୁହେଁ, କରୋନା ରୋକିବା ଲାଗି କିଛି ଔଷଧ ଆସିବା ଆବଶ୍ୟକ। ଅନେକ ସ୍ୱାଇନ୍ ଫ୍ଲୁ ଓ ଅନ୍ୟ ସାଧାରଣ ଫ୍ଲୁ ଟିକା କରୋନା ରୋକିବାକୁ ସକ୍ଷମ ବୋଲି ଯାହା ଦାବି କରୁଛନ୍ତି ତାହା ଭୁଲ। ସ୍ୱାଇନ ଫ୍ଲୁ ବିରୋଧରେ ଟିକା ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି, ମାତ୍ର କରୋନା ବିପକ୍ଷରେ ନୁହେଁ। କରୋନାକୁ ରୋକିବା ପାଇଁ ନିୟମିତ ହାତ ଧୋଇବା, ସାମାଜିକ ଦୂରତା ଅନୁପାଳନ କରିବା ଓ ମାସ୍କ ପିନ୍ଧିବା ବର୍ତ୍ତମାନ ସମୟରେ ସବୁଠାରୁ ବଡ ପଦକ୍ଷେପ ବୋଲି ଡା. ଗୁଲେରିଆ ମତ ଦେଇଛନ୍ତି। ଦୀପାବଳୀ ସମୟରେ ଯଥାସମ୍ଭବ ସତର୍କ ରହିବାକୁ ଗୁଲେରିଆ ମଧ୍ୟ ପରାମର୍ଶ ଦେଇଛନ୍ତି। ଏ ବର୍ଷ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଭଲ ଭାବରେ ଦୀପାବଳି ପାଳନ କରିବା ପାଇଁ ଏ ବର୍ଷ ଦୀପାବଳିରେ ସତର୍କ ରହିବାର ଆବଶ୍ୟକତା ରହିଛି। ସାମାନ୍ୟ ସଂକ୍ରମିତ ହୋଇଥିବା ଓ ସୁସ୍ଥ ହୋଇଥିବା ଲୋକମାନେ ଅସତର୍କ ରହିଲେ ପୁନର୍ବାର ସଂକ୍ରମିତ ହୋଇପାରନ୍ତି ବୋଲି ଡା. ଗୁଲେରିଆ କହିଛନ୍ତି।

# 'ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କୁ ମିଳିବ ଟିକା'

**ନୂଆଦିଲ୍ଲୀ :** ବିହାରରେ ବିଜେପି କ୍ଷମତାକୁ ଆସିଲେ ମାଗଣା କରୋନା ଟିକା ବାଣ୍ଟିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତିରେ କହିଛି। ଏହାପରେ ସାରା ଦେଶରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ଏହାରି ଭିତରେ ପ୍ରଧାନମନ୍ତ୍ରୀ ପ୍ରତିକ୍ରିୟା ଦେଇ କରୋନା ଟିକା ବାବଦରେ କେନ୍ଦ୍ର ସରକାରର ମତ ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ ସାକ୍ଷାତକାର ଦେଇ କହିଛନ୍ତି ଯେ, ଦେଶକୁ କରୋନା ଟିକା ଆସିବା ପରେ ଏହା ସମସ୍ତଙ୍କ ପାଇଁ ଲାଗୁ ହେବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସରକାର ଲୋକଙ୍କୁ ମାଗଣା ଟିକା ପ୍ରଦାନ କରିବେ। ଏହାବ୍ୟତୀତ କରୋନା ପାଇଁ ଉପୁଜିଥିବା ସ୍ଥିତି ଯୋଗୁଁ ଅର୍ଥନୀତିକ କ୍ଷତି ହୋଇଛି। ସରକାର ପ୍ରଥମେ ଏହି ଟିକା କାହାକୁ ଦେବେ ତାହା ଉପରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରଥମେ ମୁଁ ଦେଶବାସୀଙ୍କୁ ସୁନିଶ୍ଚିତ କରିବାକୁ ଚାହୁଁଛି ଯେ, କରୋନା ଟିକା ଉପଲବ୍ଧ ହେବା ମାତ୍ରେ, ସମସ୍ତଙ୍କୁ ଟିକା ଦିଆଯିବ। ସରକାର ସମସ୍ତଙ୍କୁ ଟିକା ଦେବାକୁ ପ୍ରୟାସ କରିବେ। ଯେଉଁମାନେ ବିପଦରେ ଥିବେ ସେମାନଙ୍କୁ ପ୍ରଥମେ ଟିକା ଦିଆଯିବ। ଏହି ଟିକା କିଭଳି ପ୍ରୟୋଗ କରାଯିବ ସେନେଇ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି ବୋଲି ମୋଦି କହିଛନ୍ତି। ଟିକା, ଏହାର ମାତ୍ରା ଏବଂ



ଏହାକୁ କିପରି ପ୍ରୟୋଗ କରାଯିବ ସେ ବିଷୟରେ ଏବେ କହିହେବନି। ବିଶେଷଜ୍ଞଙ୍କ ନିଷ୍ପତ୍ତି ଆଧାରରେ ଏହି ଟିକା ଦେଶବାସୀଙ୍କ ପାଖକୁ ପଠାଯିବ। ସାରା ଦେଶରେ ଟିକା ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ପାଇଁ ୨୮,୦୦୦ ଶୀତଳ ଶୃଙ୍ଖଳା ତିଆରି କରାଯାଇଛି। ଦେଶର ଅନ୍ତିମ ନାଗରିକଙ୍କୁ ଟିକା ପହଞ୍ଚାଇବାକୁ ସରକାର ରୋଡମ୍ୟାପ୍ ତିଆରି କରିଛନ୍ତି ବୋଲି ସେ କହିଛନ୍ତି। ନାଗରିକମାନଙ୍କୁ ଟିକାକରଣ, ମନିଟରିଂ ଏବଂ ବିତରଣ ପାଇଁ ଏକ ଡିଜିଟାଲ ପ୍ଲାଟଫର୍ମ ପ୍ରସ୍ତୁତ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ସାକ୍ଷାତକାରରେ କହିଛନ୍ତି।

# 'ଡିସେମ୍ବର ସୁଦ୍ଧା କରୋନା ଟିକା'

**ନୂଆଦିଲ୍ଲୀ :** ଭାରତର 'ସିରମ୍ ଇନ୍‌ଷ୍ଟିଚ୍ୟୁଟ୍' ଉତ୍ପାଦିତ ଅକ୍ସଫୋର୍ଡ କରୋନା ଭାଇରସ୍ ଟିକା ଡିସେମ୍ବର ସୁଦ୍ଧା ପ୍ରସ୍ତୁତ ହୋଇଯିବ ଓ ୨୦୨୧ ଦ୍ୱିତୀୟ କିମ୍ବା ତୃତୀୟ 'ତିନିମାସ' ସୁଦ୍ଧା ପ୍ରଥମ ବ୍ୟାଚ୍ ୧୦୦ ନିୟୁତ ଡୋଜ୍ ମିଳିଯିବ ବୋଲି ବୁଧବାର ଦିନ ଏହାର ମୁଖ୍ୟ ଅଦର ପୁନାୱାଲା ଗଣମାଧ୍ୟମକୁ କହିଛନ୍ତି। ପୁନାୱାଲା କହିଛନ୍ତି, ଯଦି ଆମେ ଜରୁରୀକାଳୀନ ଲାଇସେନ୍‌ସ ନ ଆଣୁ, ଡିସେମ୍ବର ସୁଦ୍ଧା ଆମର ପରୀକ୍ଷା ଶେଷ ହୋଇଯିବ। ତା'ପରେ ଆମେ ହୁଏତ ଜାନୁଆରୀରେ ଭାରତରେ ଟିକା ଲଞ୍ଚ କରିପାରୁ। ସେତେବେଳକୁ ଇଂଲଣ୍ଡରେ ମଧ୍ୟ ଏହି ଟିକା ପରୀକ୍ଷା ଶେଷ ହୋଇଥିବ। ଯଦି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଇଂଲଣ୍ଡ ତାହାର ଅଧ୍ୟୟନ ପ୍ରକାଶ କରି ତଥ୍ୟ ସେୟାର କରେ ଓ ଟିକା ନିରାପଦ ବୋଲି ସୁନିଶ୍ଚିତ କରି କହେ, ଭାରତ ସରକାର ଚାହିଁଲେ, ଆମେ ମଧ୍ୟ ଦୁଇ ସପ୍ତାହ ପରେ ଜରୁରୀକାଳୀନ ଲାଇସେନ୍‌ସ ପାଇଁ ଭାରତୀୟ ନିୟନ୍ତ୍ରକଙ୍କୁ ଆବେଦନ କରିବୁ। ଟିକା ଅଧ୍ୟୟନ ସମୀକ୍ଷା କରିବାକୁ ପ୍ରାୟ ଦୁଇ ତିନି ସପ୍ତାହ ଲାଗିବ। ତା'ପରେ ଡିସେମ୍ବର ସୁଦ୍ଧା ଟିକା ମିଳିଯିବ। କିନ୍ତୁ, ଟିକା ମିଳିବା ନ ମିଳିବା ମୋ ଉପରେ ନୁହେଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧିକାରୀମାନଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଟିକା ଉତ୍ପାଦନ ପ୍ରସଙ୍ଗରେ ସେ କହିଥିଲେ ଯେ, ପ୍ରଥମେ ଆମେ ୧୦୦ ନିୟୁତ ଡୋଜ୍ ଟିକା ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛୁ। ତାହା ୨୦୨୧ ଦ୍ୱିତୀୟ କିମ୍ବା ତୃତୀୟ 'ତିନିମାସ' ମଧ୍ୟରେ ମିଳିଯିବ। ଅକ୍ସଫୋର୍ଡ ଟିକାର ନିରାପତ୍ତା ବିଷୟରେ ଏବେ କୌଣସି ଚିନ୍ତା ବିଷୟ ନାହିଁ ବୋଲି ସେ କହିଛନ୍ତି। ପ୍ରାରମ୍ଭିକ ପରୀକ୍ଷାରୁ ସବୁ ସକାରାତ୍ମକ ସୂଚନା ମିଳିଥିଲେ ମଧ୍ୟ ଏହାର ଦୀର୍ଘକାଳୀନ ସୁଫଳ ବିଷୟରେ ନିଶ୍ଚିତ ହେବାକୁ ବର୍ଷେ ଦୁଇ ବର୍ଷ ଲାଗିବ ବୋଲି ସେ ସୂଚନା ଦେଇଛନ୍ତି।

# ଭାରତ-ଆମେରିକା ୨+୨ ଶିଖର ବୈଠକ

**ନୂଆଦିଲ୍ଲୀ :** ଭାରତ ଓ ଆମେରିକା ବହୁ ପ୍ରତିକ୍ଷୀତ ବେସିକ ଏକ୍ସଚେଞ୍ଜ ଓ କୋପରେସନ ଏଗ୍ରିମେଣ୍ଟ (ବିଇସିଏ) ଉପରେ ମୋହର ମାରିଛନ୍ତି। ଏହା ଭାରତୀୟ ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ। ଏହି ଚୁକ୍ତି ଦ୍ୱାରା ଭାରତ ଏଣିକି ବିଭିନ୍ନ ପ୍ରକାରର ସ୍ୟାଟେଲାଇଟ୍ ଓ ଅନ୍ୟାନ୍ୟ ଉପକରଣ ଦ୍ୱାରା ଆମେରିକା ଠାରୁ ସୁରକ୍ଷା ସମ୍ପର୍କିତ ତଥ୍ୟକୁ ହାସଲ କରିପାରିବ। ଭାରତ ପ୍ରତି ସୃଷ୍ଟି ହେଉଥିବା ବିପଦ ସମ୍ପର୍କିତ ସମସ୍ତ ତଥ୍ୟ ଆଗୁଆ ଆମେରିକା ଦେବାକୁ ସହମତି ମଧ୍ୟ ପ୍ରକାଶ କରିଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ତାଙ୍କ ଆମେରିକା ପ୍ରତିପକ୍ଷ ମାର୍କ ଏସପର ଏବଂ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ତାଙ୍କ ଆମେରିକା ପ୍ରତିପକ୍ଷ ମାଇକ ପୋମ୍ପିଓଙ୍କ ଉପସ୍ଥିତି ୨+୨ ବୈଠକ



ବେଳେ ଉଭୟ ଦେଶ ଏହି ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି। ଚୁକ୍ତି ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ବନ୍ଧୁତା କ୍ରମାଗତ ଭାବେ ସୁଦୃଢ଼ ହେବାରେ ଲାଗିଛି। ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ୨+୨ ବୈଠକରେ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଛି। ବିଶେଷକରି କରୋନା, ବିଶ୍ୱର ଆର୍ଥିକ ମାନ୍ଦାବସ୍ଥା ଓ ସୁରକ୍ଷା ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉଭୟ ଦେଶ ପରମାଣୁ ସହଯୋଗ ବୃଦ୍ଧି ପାଇଁ ପଦକ୍ଷେପ ନେଇଛନ୍ତି। ଏହାବାଦ ଉଭୟ ଦେଶ ମିଳିତ ଭାବେ ପ୍ରତିରକ୍ଷା ସାମଗ୍ରୀ ଅଭିବୃଦ୍ଧି ପାଇଁ କାମ କରିବେ ବୋଲି ମଧ୍ୟ ସହମତି ହୋଇଛି। ଦୁଇ ଦେଶ ମଧ୍ୟରେ ପୃଥିବୀ ବିଜ୍ଞାନ ଉପରେ ବୈଷୟିକ ସହଯୋଗ, ପରମାଣୁ ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ସହଯୋଗ ବୃଦ୍ଧି, ପୋଷ୍ଟାଲ ସର୍ଭିସ ଓ ଆୟୁର୍ବେଦ ଓ କର୍କଟ ଅନୁସନ୍ଧାନରେ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାକୁ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ, ଆମେରିକାର ପ୍ରତିରକ୍ଷା ସ୍ୟାଟେଲାଇଟ୍‌ରୁ ଭାରତ ରିୟଲ ଟାଇମ ତଥ୍ୟ ହାସଲ କରିପାରିବ। ଭାରତକୁ ଆମେରିକା ପ୍ରତିରକ୍ଷା କ୍ଷେତ୍ରରେ ସମସ୍ତ ପ୍ରକାରର ସହଯୋଗ ମଧ୍ୟ ଯୋଗାଇ ଦେବ।

### ପଶ୍ଚିମବଙ୍ଗ ପୋଲିସର ଦମନଲୀଳା ଉପରେ ସୁପ୍ରିମ୍‌କୋର୍ଟଙ୍କ ଉଦ୍‌ବେଗ

# ସୀମା ଭିତରେ ରହି କାମ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ :** ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ପୋଲିସର ଦମନଲୀଳା ଚାଲି ପାରିବନି। ଫେସବୁକ ୟୁଜରଙ୍କ ମତକୁ ଆଧାର କରି ପୋଲିସ ଯାହା କରୁଛି ତାହା ନିନ୍ଦନୀୟ। ନିଜ ସୀମା ଭିତରେ ରହି କାମ କରିବା ଦରକାର ବୋଲି ସୁପ୍ରିମ୍‌କୋର୍ଟ ଦେଶର ପୋଲିସ ମାନଙ୍କୁ କହିଛନ୍ତି। କୋଲକାତା ପୋଲିସକୁ ତାଗିଦ କରିବାକୁ ଯାଇ ଏଭଳି କଡା ମନ୍ତବ୍ୟ ରଖିଛନ୍ତି ଦେଶର ସର୍ବୋଚ୍ଚ କୋର୍ଟ। ଦିଲ୍ଲୀର ଜଣେ ମହିଳା ଆପତ୍ତିଜନକ ଫେସବୁକ୍ ପୋଷ୍ଟ କରିଥିଲେ ଯେଉଁଥିରେ କୋଲକାତା ପୋଲିସ ତାଙ୍କୁ ସମନ କରିଥିଲା। ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାରଙ୍କୁ କହିଛନ୍ତି ଯେ, ସୋସିଆଲ ମିଡିଆ ପୋଷ୍ଟ ସହିତ ଦେଶର ନାଗରିକଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସମନ୍ କରାଯାଇପାରିବନି। ଏହା ଜଣେ ନାଗରିକଙ୍କ ବାକ୍ ସ୍ୱାଧୀନତା ଅଧିକାର। ସମନ ହେଲେ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରତି ବିପଦ ରହିବ। ସ୍ୱାଧୀନତା ଦେବା ପାଇଁ କୋର୍ଟ ଉପସ୍ଥିତ ରହିଛି ବୋଲି ବେଞ୍ଚ କହିଛନ୍ତି। ସମ୍ବିଧାନର ଧାରା ୧୯ (୧) (କ) ଅନୁଯାୟୀ ନାଗରିକମାନଙ୍କୁ ଦିଆଯାଇଥିବା ବକ୍ତବ୍ୟର ସ୍ୱାଧୀନତା ଉପରେ ମତ ରଖି ଜଷ୍ଟିସ୍ ଡିଏ ଚନ୍ଦ୍ରଚୁଡ୍ ଏବଂ ଇନ୍ଦିରା ବାନାର୍ଜୀ କହିଛନ୍ତି ଯେ, ଯଦି ରାଜ୍ୟ ପୋଲିସ ସାଧାରଣ ଲୋକଙ୍କୁ ଏଭଳି ସମନ କରିବ ତାହା ବିପଦଜ୍ଜନକ ହେବ। ପୋଲିସ ସୀମା ଅତିକ୍ରମ ନକରିବା ଦରକାର। ଭାରତ ଏକ ସ୍ୱାଧୀନତା ଅଭିବ୍ୟକ୍ତିର ଦେଶ। ସୁପ୍ରିମ୍‌କୋର୍ଟ ଭାବେ, ସ୍ୱାଧୀନତାର ଅଧିକାର



ବା ସୁରକ୍ଷା ପାଇଁ ଏଠାରେ ଆମେ ଅଛୁ ବୋଲି ବେଞ୍ଚ କହିଛନ୍ତି। ସୂଚନାଥାଉ କି, ଦିଲ୍ଲୀର ରୋଶନୀ ବିଶ୍ୱାସ ନାମକ ଜଣେ ୨୯ ବର୍ଷ ବୟସ୍କା ମହିଳା ତାଙ୍କୁ ସମନ ହେବା ନେଇ କୋଲକାତା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ମାମଲା ଦାୟର କରିଥିଲେ। ତାଙ୍କ ଓକିଲ ମହେଶ ଜେଠମାଲିନି କୋର୍ଟରେ ପକ୍ଷ ରଖିଥିଲେ। ରାଜ୍ୟ ବଜାର ଅଞ୍ଚଳରେ ବିରାଟ ସମାବେଶର ଫେସବୁକ୍ ଫଟୋକୁ ନେଇ ମହିଳାଙ୍କୁ ପଚରାଉଚରା କରିବା ପାଇଁ ପୋଲିସ ହାଜର ହେବାକୁ କହିଥିଲା। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଘୃଣା କରୁଥିବା ଅଭିଯୋଗ କରି ପୋଲିସ ଏ ସମ୍ପର୍କରେ ମହିଳାଙ୍କ ବିରୋଧରେ ଏଫ୍‌ଆଇଆର ଦାଖଲ କରିଥିଲା। ବେଞ୍ଚ ପରାମର୍ଶ ଦେଇଛି ଯେ, ପୋଲିସ ତାଙ୍କୁ ଇମେଲ ମାଧ୍ୟମରେ ପ୍ରଶ୍ନ ଉଠାଇପାରେ କିମ୍ବା ଭିଡିଓ କନଫରେନ୍ସିଂ ମାଧ୍ୟମରେ ପଚରାଉଚରା କରିପାରିଥାନ୍ତା। ବେଞ୍ଚ କହିଛନ୍ତି ଯେ, ଏହା ନାଗରିକଙ୍କ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିବ। କାହାରି ବିରୋଧରେ ମାମଲା ରୁଜୁ ହୋଇପାରିବ ନାହିଁ କାରଣ ଲକଡାଉନ୍ ନିୟମ ଠିକ୍ ଭାବରେ ପରିଚାଳିତ ହେଉନାହିଁ। ଜେଠମାଲନି କହିଛନ୍ତି ଯେ, କୋଲକାତା ପୋଲିସ ଉକ୍ତ ମହିଳାଙ୍କୁ ସାମ୍ନାରେ ଡାକି ସେମାନଙ୍କୁ ଧମକ ଦେଉଛି। ରାଜ୍ୟ ସରକାରଙ୍କ ଓକିଲ କହିଛନ୍ତି ଯେ, ମହିଳାଙ୍କୁ ପୋଲିସ ସମ୍ମୁଖରେ ହାଜର ହେବାକୁ ପଡିବ। ସୁପ୍ରିମ୍‌କୋର୍ଟ ଏହି ମନ୍ତବ୍ୟ ପାଇଁ ରାଜ୍ୟ ସରକାରଙ୍କ ଓକିଲଙ୍କ ଉପରେ ବର୍ଷିଛନ୍ତି।

## ବିଦାୟ ନେଲା ମୌସୁମୀ



**ଭୁବନେଶ୍ୱର :** ଓଡ଼ିଶାରୁ ସମ୍ପୂର୍ଣ୍ଣ ଅପସରି ଗଲା ମୌସୁମୀ। ଧୀରେ ଧୀରେ ଶୀତ ପ୍ରବେଶ କରୁଛି। ଓଡ଼ିଶାରୁ ସମ୍ପୂର୍ଣ୍ଣ ବିଦାୟ ନେଇଛି ମୌସୁମୀ। ଧୀରେ ଧୀରେ ରାଜ୍ୟରେ ଶୀତ ଅନୁଭବ ହେବାକୁ ଲାଗୁଛି। ଚଳିତବର୍ଷ ଜୁନ୍ ପ୍ରଥମରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ୯୯% ବର୍ଷା ହୋଇଛି। ଅନ୍ୟପଟେ ୧ ଜୁନ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ୧୩୦୨.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ଠାରୁ ୪%ରୁ ଅଧିକ ବର୍ଷା ରେକର୍ଡ ହୋଇଛି। ମାଲକାନଗିରି ଓ ଝାରସୁଗୁଡାରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ଯେହେତୁ ଅକ୍ଟୋବରରେ ୩ଟି ଲଘୁଚାପ ବର୍ଷା ହୋଇଛି ତେଣୁ କେବଳ ୭୧% ବର୍ଷା ହୋଇଛି ଏହି ସମୟରେ ସ୍ୱାଭାବିକ ଭାବେ ୧୨୫୦ ମିମି ବର୍ଷା ହୋଇଥାଏ। ତେବେ ଏଥର ୪% ଅଧିକ ବର୍ଷା ହୋଇଛି। ମାଲକାନଗିରି ଓ ଝାରସୁଗୁଡାରେ ଅଧିକ ପରିମାଣରେ ବର୍ଷା ହୋଇଛି। ଅକ୍ଟୋବର ୧ ରୁ ୨୭ ମଧ୍ୟରେ ୭୧% ଅଧିକ ବର୍ଷା ହୋଇଛି। ୧୮ ଜିଲ୍ଲାରେ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ୫ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ଓ ୭ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ମୌସୁମୀ ବିଦାୟ ନେବା ସହ ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ଏବେ ପାଗ ମୁଖ୍ୟତଃ ସ୍ୱାଭାବିକ ରହିବ। ଆଗକୁ ଧୀରେ ଧୀରେ ରାତିରେ ତାପମାତ୍ରା ଆହୁରି କମିବ।

## ବଢ଼ିଛି ଦୁଷ୍କର୍ମ ଓ ଠକେଇ

**ଭୁବନେଶ୍ୱର :** ରାଜ୍ୟରେ ଅପରାଧକୁ ରୋକିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ହେଲେ ଏ ସବୁ ପାଣିରେ ଧୋଇହେଲା ଭଳି ଜଳଜଳ ଦିଶୁଛି। ଘନଘନ ପାଟ୍ରୋଲିଂ, ତୁହାକୁ ତୁହା ଯାନବାହନ ଯାଞ୍ଚ ସତ୍ତ୍ୱେ ମଧ ଖୁଲମଖୁଲାରେ ଅପରାଧୀମାନେ କ୍ରାଇମ୍ କରି ଚାଲିଛନ୍ତି। ବିଶେଷ କରି ରାଜ୍ୟରେ ମହିଳାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ହେଲେ ସେଗୁଡ଼ିକ କାର୍ଯ୍ୟକାରୀ ହେଉନଥିବା ଜଣାପଡ଼ିଛି। ଯାହାଦ୍ୱାରା ମହିଳା ନିର୍ଯାତନା ମାମଲାର ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ (ଜାନୁଆରୀ-ଜୁନ) ଦୁଷ୍କର୍ମ ମାମଲା ୫.୪ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଚୋରି ଓ ଲୁଟ ମଧ ବଢ଼ିଛି। ସଦ୍ୟ ପ୍ରକାଶିତ ରାଜ୍ୟ କ୍ରାଇମ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ରିପୋର୍ଟ ଅନୁସାରେ, ଚଳିତ ବର୍ଷ ଜାନୁଆରୀରୁ ଜୁନ ମାସ ମଧ୍ୟରେ ରାଜ୍ୟରେ ୬୨ ହଜାର ୮୧୭ଟି ଅପରାଧୀକ ମାମଲା ରୁଜୁ କରାଯାଇଛି। ସେଥିରେ ୧୨୧୨ଟି ଦୁଷ୍କର୍ମ ମାମଲା ରହିଛି। ଏହା ଗତବର୍ଷ ଅପେକ୍ଷା ୫.୪ ପ୍ରତିଶତ ଅଧିକ। ୨୦୧୯ ରେ (ଜାନୁଆରୀ-ଜୁନ)୧୧୪୯ଟି ଦୁଷ୍କର୍ମ ମାମଲା ରୁଜୁ କରାଯାଇଥିଲା। ସେହିପରି ଚଳିତ ବର୍ଷ ସିନ୍ଧିଚୋରି ନେଇ ୨୦୬୦ଟି ମାମଲା ରୁଜୁ ହୋଇଛି। ଗତବର୍ଷ ଏହି ମାମଲା ସଂଖ୍ୟା ୧୭୦୦ ଥିଲା। ଯାହା ଗତବର୍ଷ ତୁଳନାରେ ୨୧.୧ ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ରାଜ୍ୟରେ ୧୫୬୦ଟି ଠକେଇ ମାମଲା ରୁଜୁ ହୋଇଛି। ଯାହା ଗତବର୍ଷ ତୁଳନାରେ ୨୫.୩ ପ୍ରତିଶତ ଅଧିକ ରହିଛି। ଗତବର୍ଷ ମାମଲା ସଂଖ୍ୟା ୧୨୪୫ ଥିଲା। ସେହିପରି ଚୋରି ନେଇ ଚଳିତବର୍ଷ ୪୪୦୭ଟି ମାମଲା ରୁଜୁ ହୋଇଛି। ଗତବର୍ଷର ମାମଲା ସଂଖ୍ୟା ୪୩୭୭ ଥିଲା। ଏଥିସହିତ ଛୋଟମୋଟ ଅପରାଧ ସଂଖ୍ୟା ମଧ ବୃଦ୍ଧି ପାଇଛି। ଚଳିତବର୍ଷ ପ୍ରଥମ ୬ମାସରେ ୪୬, ୪୬୯ଟି ମାମଲା ରୁଜୁ କରାଯାଇଥିବା ବେଳେ ପୂର୍ବବର୍ଷ ସେହି ସମୟରେ ମାମଲା ସଂଖ୍ୟା ୩୭୧୧୯ ରହିଥିଲା। ଚଳିବର୍ଷ ପ୍ରଥମ ୬ ମାସରେ ରାଜ୍ୟରେ ୬୯୩ଟି ହତ୍ୟାକାଣ୍ଡ ଘଟିଛି। ଗତବର୍ଷ ସେହି ସମୟ ମଧ୍ୟରେ ୭୦୭ଟି ହତ୍ୟା ମାମଲା ରୁଜୁ ହୋଇଥିଲା। ଗତବର୍ଷ ଅପେକ୍ଷା ଚଳିତବର୍ଷ ୧.୯ ପ୍ରତିଶତ ହତ୍ୟା ମାମଲା କମିଛି। ସେହିପରି ଚଳିତ ବର୍ଷ ୨୦୯ଟି ଡକାୟତି ମାମଲା ରୁଜୁ ହୋଇଛି। ଗତବର୍ଷ ଡକାୟତି ନେଇ ୨୨୪ଟି ମାମଲା ରୁଜୁ ହୋଇଥିଲା। ଏଥିସହିତ ଚଳିତବର୍ଷ ୮୫୨ଟି ଲୁଟ ନେଇ ଅଭିଯୋଗ ହୋଇଥିବା ବେଳେ ଗତବର୍ଷ ୧୦୯୪ଟି ମାମଲା ରୁଜୁ ହୋଇଥିଲା। ସେହିପରି ଚଳିତବର୍ଷ ୯୫୧ଟି ଦଙ୍ଗାଜନିତ ମାମଲା ରୁଜୁ ହୋଇଥିବା ବେଳେ ପୂର୍ବବର୍ଷ ମାମଲା ସଂଖ୍ୟା ୧୦୫୬ ଥିଲା। ବିଶେଷ କରି ନୂଆ ମୋଟରଯାନ ଆଇନ ଲାଗୁ ହେବା ପରେ ରାଜ୍ୟରେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଛି। ଚଳିତବର୍ଷ ପ୍ରଥମ ୬ ମାସରେ ରାଜ୍ୟରେ ୪୪୦୪ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ଗତବର୍ଷ ଏହି ସଂଖ୍ୟା ୫୮୦୨ ଥିଲା। ସେହିପରି ପ୍ରଥମ ୬ ମାସରେ ୬୨ ହଜାର ୮୧୭ଟି ମାମଲା ରୁଜୁ ହୋଇଥିବା ବେଳେ ୨୪ ହଜାର ୯୯୫ଟି ମାମଲାରେ ଚାର୍ଜସିଟ ଦାଖଲ ହୋଇଛି। ସେଥିମଧ୍ୟରୁ ୫୯ଟି ହତ୍ୟା, ୨୩ଟି ଡକାୟତି, ୧୫୩ଟି ଲୁଟ, ୨୮୫ଟି ସିନ୍ଧିଚୋରି, ୭୦୯ଟି ଚୋରି, ୧୨୩ଟି ଠକେଇ, ୨୨୫ଟି ଦଙ୍ଗା, ୩୨୮ଟି ଦୁଷ୍କର୍ମ ଓ ୧୨୭୩ଟି ଦୁର୍ଘଟଣା ମାମଲାରେ ଚାର୍ଜସିଟ ଦାଖଲ କରାଯାଇଛି। ଏଥିସହିତ ଅନ୍ୟାନ୍ୟ ଛୋଟମୋଟ ୨୧ ହଜାର ୮୧୭ଟି ମାମଲାରେ ଚାର୍ଜସିଟ ଦାଖଲ ହୋଇଛି।

# ଏଣିକି ଛାତ୍ରବୃତ୍ତି ପାଇଁ ଗୋଟିଏ ପୋର୍ଟାଲ




**ଭୁବନେଶ୍ୱର :** ଏଣିକି ସରକାରୀ ଛାତ୍ରବୃତ୍ତି ପାଇଁ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଭାଗର ଭିନ୍ନ ଭିନ୍ନ ପୋର୍ଟାଲଙ୍କୁ ବ୍ୟବହାର କରିବା ଦରକାର ପଡିବ ନାହିଁ। ମାତ୍ର ଗୋଟିଏ ପୋର୍ଟାଲ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ସ୍କଲାରସିପ୍.ଓଡ଼ିଶା.ଗଭ.ଇନ୍‌ରେ କ୍ଲିକ୍ କଲେ ପିଲାମାନେ ସେମାନଙ୍କ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା ରାଜ୍ୟର ୧୧ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ୬ଟି ବିଭାଗ ପକ୍ଷରୁ ୨୧ଟି ଛାତ୍ରବୃତ୍ତି ଦିଆଯାଇଥାଏ। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମରେ ଛାତ୍ରବୃତ୍ତି ପୋର୍ଟାଲ ଓ ସୁମଙ୍ଗଳ ପୋର୍ଟାଲର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଲୋକଙ୍କ ଜୀବନରେ ପରିବର୍ତ୍ତନ ପାଇଁ ବୈଷୟିକ ବିଦ୍ୟାର ବ୍ୟାପକ ପ୍ରୟୋଗ ଉପରେ ଗୁରୁତ୍ୱରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବୈଷୟିକ ବିଦ୍ୟାର ପ୍ରୟୋଗ ଦ୍ୱାରା ହିଁ ଆମେ ସାଧାରଣ ଲୋକଙ୍କୁ ଦକ୍ଷତା ଓ ସ୍ୱଚ୍ଛତାର ସହ ଠିକ୍ ସମୟରେ ସର୍ବୋତ୍କୃଷ୍ଟ ସେବା ଯୋଗାଇ ଦେଇପାରିବା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧିନରେ ୨୦ରୁ ଅଧିକ ବୃତ୍ତି ପ୍ରଦାନ କରାଯାଉଛି। ଏହି ଏକକ ପୋର୍ଟାଲ ଦ୍ୱାରା ବୃତ୍ତି ପ୍ରଦାନ କରୁଥିବା ସରକାରୀ ବିଭାଗ ଓ ଆଶାୟୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୂରତ୍ୱ କମିପାରିବ। ସେମାନେ ସୁବିଧାରେ ଘରେ ବସି ଆବେଦନ କରିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବୃତ୍ତି ପାଇପାରିବେ। ଅନୁସୂଚିତ ଜନଜାତି, ଜାତି, ଅନ୍ୟ ପଛୁଆବର୍ଗ, ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ ଆଦି ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି ବୃତ୍ତିର ସୁବିଧା ପାଇବାରେ ସର୍ବାଗ୍ରେ ରହୁଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଥିଲେ। ଦୁର୍ବଳ ଶ୍ରେଣୀର ପିଲାମାନଙ୍କ ଶିକ୍ଷା ସୁବିଧା ରାଜ୍ୟ ସରକାରଙ୍କ ପ୍ରାଥମିକତା ରହିଆସିଛି। ଏହି ଏକକ ପୋର୍ଟାଲ ଦ୍ୱାରା ସେମାନେ ବିଶେଷ ଭାବରେ ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟର ଅନୁସୂଚିତ ଜନଜାତି ଓ ଜାତି ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଶ୍ରମ ଓ ଇଏସ୍ଆଇ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ କୃଷି ବିଭାଗର ସମସ୍ତ ବୃତ୍ତି କାର୍ଯ୍ୟକ୍ରମ ଏହି ଗୋଟିଏ ପୋର୍ଟାଲରେ ପରିଚାଳିତ ହେବ। ରାଜ୍ୟ ଟ୍ରେଜେରୀ ସହିତ ଏହି ପୋର୍ଟାଲ ଲିଙ୍କ୍ ହୋଇଥିବାରୁ ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବୃତ୍ତି ରାଶି ସିଧାସଳଖ ଜମା ହୋଇପାରିବ। ସେହିପରି ସୁମଙ୍ଗଳ ପୋର୍ଟାଲ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆନ୍ତଃ-ଜାତି ବିବାହ ଦ୍ୱାରା ସାମାଜିକ ଏକତା ବଢ଼ିବା ସହିତ ଏହା ଜାତିଗତ ବାଛବିଚାର ହ୍ରାସ କରେ ଏବଂ ସମାଜରେ ସମାନତା ଓ ଶାନ୍ତିପୂର୍ଣ୍ଣ ସହବସ୍ଥାନ ବୃଦ୍ଧି କରେ। ସୁମଙ୍ଗଳ ପୋର୍ଟାଲ ଏହି ଦିଗରେ ବହୁ ପରିମାଣରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ, ଏହି ସୁମଙ୍ଗଳ ପୋର୍ଟାଲ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ସ୍କଲାରସିପ୍.ଓଡ଼ିଶା.ଗଭ.ଇନ୍‌ରେ ଆବେଦନ କଲେ ଆନ୍ତଃ-ଜାତି ବିବାହ କରିଥିବା ଯୋଗ୍ୟ ହିତାଧିକାରୀମାନେ ୬୦ଦିନ ମଧ୍ୟରେ ପ୍ରୋତ୍ସାହନ ରାଶି ଆକାରରେ ଅଢ଼େଇ ଲକ୍ଷ ଟଙ୍କା ପାଇପାରିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନୁସୂଚିତ ଜନଜାତି ଓ ଜାତି ବିକାଶ ବିଭାଗ ଅଧିନରେ ୬ଲକ୍ଷ ଛାତ୍ରଛାତ୍ରୀ ଏହି ବୃତ୍ତିର ସୁବିଧା ପାଉଛନ୍ତି। ୫-ଟି କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ପରିବର୍ତ୍ତନର ସୁଯୋଗ ଆଣିବାରେ ଓଡ଼ିଶା ଆଜି ଅନ୍ୟ ରାଜ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି ପ୍ରକାଶ କରି ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ ବିଭାଗର ପ୍ରମୁଖ ସଚିବ ରଞ୍ଜନତା ଚୋପ୍ରା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର. ବାଲାକ୍ରିଷ୍ଣନ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଏବଂ ସମ୍ପୃକ୍ତ ବିଭଗେର କ୍ଷେତ୍ର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ଭିଜିଲାନ୍ସରେ ଗଡୁଛି ପୁରୁଣା ଦୁର୍ନୀତି ମାମଲା

**ଭୁବନେଶ୍ୱର :** ଦୁର୍ନୀତି ନିବାରଣ ଓ ସ୍ୱଚ୍ଛ ଶାସନ ରାଜ୍ୟ ସରକାରଙ୍କର ଦୁଇଟି ଆଭିମୁଖ୍ୟ। ଦୁର୍ନୀତିଗ୍ରସ୍ତ ଲୋକ ରାଜ୍ୟର ବିକାଶରେ ବାଧା ସୃଷ୍ଟି କରେ। ଏହା ଗଣତନ୍ତ୍ର, ଜନତାଙ୍କ ଆଶା ବିଶ୍ୱାସକୁ ଆଘାତ ଦେଇଥାଏ। ତେଣୁ କୌଣସି ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ। ରାଜ୍ୟ ସରକାରଙ୍କ ଏଭଳି କଠୋର ପଦକ୍ଷେପ ଯୋଗୁଁ ଦୁର୍ନୀତି ନିବାରଣ ବିଭାଗ ସକ୍ରିୟ ହୋଇ କାମ କରୁଛି। ଫଳରେ ଦିନକୁ ଦିନ ଲାଞ୍ଚ ଓ ଦୁର୍ନୀତି ମାମଲା କମିବାରେ ଲାଗିଛି। କିନ୍ତୁ ସର୍ବଭାରତୀୟ ସ୍ତରରେ ଅନ୍ୟ ରାଜ୍ୟ ସହ ଓଡ଼ିଶାକୁ ତୁଳନା କଲେ ଏବେ ବି ରାଜ୍ୟର ସ୍ଥିତି ପଞ୍ଚମ ସ୍ଥାନରେ ରହିଛି। ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ, ରାଜ୍ୟରେ ବିଗତ ୩ ବର୍ଷ ହେଲା ଦୁର୍ନୀତି ମାମଲା ହ୍ରାସ ପାଇବାରେ ଲାଗିଛି। ୨୦୧୭ରେ ଓଡ଼ିଶାରେ ଦୁର୍ନୀତି ନେଇ ୪୯୪ଟି ମାମଲା ରୁଜୁ କରାଯାଇଥିଲା। ୨୦୧୮ରେ ଭିଜିଲାନ୍ସ ପକ୍ଷରୁ ୪୨୯ଟି ମାମଲା ରିପୋର୍ଟ ହୋଇଥିବା ବେଳେ, ୨୦୧୯ରେ ଏହି ସଂଖ୍ୟା ୩୫୩କୁ ଖସିଯାଇଛି। ପୂର୍ବବର୍ଷ ଅପେକ୍ଷା ୨୦୧୯ରେ ରାଜ୍ୟରେ ଦୁର୍ନୀତି ମାମଲା ୮.୩ ପ୍ରତିଶତ ହ୍ରାସ ହୋଇଛି। ଏହି ସମସ୍ତ ତଥ୍ୟକୁ ଅନୁଧ୍ୟାନ କଲେ ରାଜ୍ୟରେ ଦୁର୍ନୀତି ମାମଲା କମୁଥିବା ସ୍ପଷ୍ଟ ହୋଇଛି। ୨୦୧୯ ମସିହାରେ ରୁଜୁ ହୋଇଥିବା ୩୫୩ଟି ମାମଲା ମଧ୍ୟରୁ ୧୫୧ଟି କେସ୍‌ରେ ଭିଜିଲାନ୍ସ ଅଭିଯୁକ୍ତଙ୍କୁ ଲାଞ୍ଚ ନେବା ବେଳେ ଧରିଥିଲା। ସେହିପରି ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ୧୧୪ଟି ମାମଲା ରୁଜୁ ହୋଇଥିବା ବେଳେ ଅନ୍ୟାନ୍ୟ କାରଣ ଯୋଗୁଁ ୮୮ଟି ମାମଲା ରୁଜୁ ହୋଇଛି। ୨୦୧୯ରେ ଦେଶରେ ସର୍ବମୋଟ ୪୨୪୩ଟି ଦୁର୍ନୀତି ମାମଲା ରୁଜୁ ହୋଇଛି। ଦୁର୍ନୀତିରେ ସମଗ୍ର ଦେଶରେ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି। ମହାରାଷ୍ଟ୍ର ପ୍ରଥମ ସ୍ଥାନରେ ରହିଛି।

## ଖୋରଧା ଏଲଆଇସି ଅଫିସରେ ପଲିସ୍‌ଧାରୀଙ୍କ ପ୍ରତି ଜୁଲୁମ

**ଖୋରଧା :** ଲାଇଫ ଇନ୍‌ସୁରାନ୍ସ କମ୍ପାନୀ ବିଭିନ୍ନ ପ୍ରଲୋଭନ ଦେଖାଇ ଗ୍ରାହକକୁ ଆକୃଷ୍ଟ କରି ଇନ୍‌ସୁରାନ୍ସ କରାଉଥିବା ବେଳେ ବୀମାର ଅବଧି ଶେଷ ସମୟରେ ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ଆଳ ଦେଖାଇ ଗ୍ରାହକମାନଙ୍କୁ ଅତିଷ୍ଠ କରୁଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜର ତାଙ୍କ ଉପରେ ପଡୁ ନଥିବା ଜଣା ପଡ଼ିଅଛି। ଫଳରେ ପଲିସ୍‌ଧାରୀ ଗ୍ରାହକ ସେମାନଙ୍କ ବୀମା ରାଶି ପାଇବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ବାରମ୍ବାର ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ଜଣାପଡ଼ିଅଛି। ସେଥିରେ ମଧ ବାର୍ଦ୍ଧକ୍ୟ, ବିକଳାଙ୍ଗ, ନିରାଶୟ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି। ପ୍ରକାଶ ଯେ, ସୟଦ ଏଜାଜ୍ ଅଲ୍ଲୀ ୧୮.୦୮.୨୦୧୧ରେ ଏକ ପଲିସ୍ କରିଥିଲେ। ଯାହାର ନମ୍ବର ହେଲା-୫୮୭୬୮୮୩୫୫ ତାଙ୍କର ଅକାଳ ବିୟୋଗ ପରେ ତାଙ୍କ ବୃଦ୍ଧା ମାତା ବୟସ-୮୦ ନୋମିନି ରୂପେ ଟଙ୍କା ଫେରସ୍ତ ପାଇବା ପାଇଁ ଆବେଦନ କରିଥିଲେ। ଅଫିସ୍ କର୍ମଚାରୀଙ୍କ କହିବା ମୁତାବିକ ମୃତ୍ୟୁ ପ୍ରମାଣ ପତ୍ର, ସତ୍ୟପାଠ, ଆଧାର କାର୍ଡ଼ ନକଲ ଇତ୍ୟାଦି ଦାଖଲ କରିଥିବା ବେଳେ ଉଚ୍ଚ ଶ୍ରେଣୀ ସହାୟକ ସୁବ୍ରତ କୁମାର ମିଶ୍ର ବିଭିନ୍ନ ପ୍ରକାର ଆଳ ଦେଖାଇ ନୟାନ୍ତ କରିଥିଲେ ଏବଂ ଶେଷରେ କହିଥିଲେ ତୁମ କାଗଜ ମିଳୁ ନାହିଁ ଆଉଥରେ ଆଣିକି ଦେବା ପାଇଁ କହିଥିଲେ। ବିବରଣୀରୁ ଜଣାପଡ଼ିଛି ଖୋରଧା ଏଲଆଇସି ଜନସାଧାରଣ ପଲିସ୍‌ଧାରୀଙ୍କୁ ସେବା ଯୋଗାଇବା ବଦଳରେ ଟଙ୍କା ହଡ଼ପ କରିବା ଉଦ୍ଦେଶ୍ୟରେ ଏପରି ହଇରାଣ ହରକତ କରୁଥିବା ନଜିର ପୂର୍ବରୁ ମଧ ରହିଛି। ଖୁବ୍ କମ୍ ଦିନ ମଧ୍ୟରେ ସେହି ଅଫିସରେ ୫୧ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଏଲଆଇସିର ମୁଖ୍ୟକାର୍ଯ୍ୟାଳୟ ଏବଂ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ ଜାରି ରହିଛି। ସେଥିରେ ମଧ ସୁବ୍ରତ ମିଶ୍ରଙ୍କ ହାତ ରହିଥିବା ଶୁଣିବାକୁ ମିଳୁଅଛି। ଏହି ଘଟଣାକୁ କେନ୍ଦ୍ର କରି ଶ୍ରୀଯୁକ୍ତ ଅଲ୍ଲୀଙ୍କ ପରିବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯଥା ଶୀଘ୍ର ଶ୍ରୀଯୁକ୍ତ ଅଲ୍ଲୀଙ୍କ ଟଙ୍କା ଫେରାଇବା ସହ ଏଲଆଇସ ଅଫିସ ମଧ୍ୟରୁ ତାଙ୍କ କାଗଜ ପତ୍ର ହଡ଼ପ କରିଥିବା ଦଲାଲଙ୍କୁ ସେଠାରୁ ଶୀଘ୍ର ହଟାଇବା ପାଇଁ ସାଧାରଣରେ ଦାବି ହେଉଛି।

## ‘ରାଜଧାନୀରେ ୫୦% ଲୋକଙ୍କ ଦେହରେ ଆଣ୍ଟିବଡି’




**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରେ ଏଯାଏଁ ୫୦% ଲୋକଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି ହୋଇଛି। ନିକଟରେ ଶେଷ ହୋଇଥିବା ସେରୋ ସର୍ଭେର ଫଳାଫଳ ପ୍ରକାଶ ପାଇବା ପରେ ଭୁବନେଶ୍ୱର ସ୍ଥିତି ଆଞ୍ଚଳିକ ଚିକିତ୍ସା ବିଜ୍ଞାନ (ଆରଏମ୍ଆରସି)ର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ଏହି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପତି କହିଛନ୍ତି ଯେ, ସର୍ଭେ ଅନୁସାରେ ଭୁବନେଶ୍ୱରର ୫୦% ଲୋକଙ୍କୁ କରୋନା ଛୁଇଁଛି। କରୋନା ସଂସ୍ପର୍ଶରେ ଆସିବା ପରେ ସେମାନଙ୍କ ଦେହରେ ଆଣ୍ଟିବଡି ବିକଶିତ ହୋଇଛି। ଆରଏମ୍ଆରସି ନିର୍ଦ୍ଦେଶିକା କହିଛନ୍ତି, ଓଡ଼ିଶା ପ୍ରଥମେ ରାଜ୍ୟ ଭାବେ ଦେଶରେ ସେରୋ ସର୍ଭେ କରିଥିଲା। ରଥଯାତ୍ରା ସମୟରେ ଏହା ପୁରୀରୁ ଆରମ୍ଭ ହୋଇଥିଲା। ଜୁଲାଇ ୧୧ ତାରିଖରେ ଭୁବନେଶ୍ୱରରେ ପ୍ରଥମ ସେରୋ ସର୍ଭେ କରାଯାଇଥିଲା। ସେତେବେଳେ ୧.୪୨% ଲୋକଙ୍କ ଠାରେ ଆଣ୍ଟିବଡି ସୃଷ୍ଟି ହୋଇଥିଲା। ତେଣୁ ଏଠାରେ ଅଧିକ ସଂଖ୍ୟାରେ ଲୋକେ ସଂକ୍ରମିତ ହେବାର ଆଶଙ୍କା ଥିଲା। ଅଗଷ୍ଟ ୨୮ରେ ଭୁବନେଶ୍ୱର ଦ୍ୱିତୀୟ ଥର ପାଇଁ ସେରୋ ସର୍ଭେ କରାଯାଇଥିଲା। ସେହି ସମୟରେ ୫.୧% ଲୋକଙ୍କ ଠାରେ ଆଣ୍ଟିବଡି ସୃଷ୍ଟି ହୋଇଥିଲା। ଭୁବନେଶ୍ୱରରେ ଶେଷଥର ପାଇଁ ଗତ ୧୬ ରୁ ୧୮ ତାରିଖ ମଧ୍ୟରେ ସେରୋ ସର୍ଭେ କରାଯାଇଥିଲା। ଏହା ଆରଏମ୍ଆରସି, ବିଏମ୍‌ସି ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମରେ କରାଯାଇଥିଲା। ୨୫ଟି ୱାର୍ଡରୁ ୧୪୦୩ ଲୋକଙ୍କ ଠାରୁ ନମୁନା ସଂଗ୍ରହ କରାଯାଇଥିଲା। ପ୍ରତି ୱାର୍ଡରେ ଏକ କ୍ଲଷ୍ଟର ଗଠନ କରାଯାଇଥିଲା। ଅତ୍ୟନ୍ତ ସାବଧାନତାର ସହ କରାଯାଇଥିବା ଏହି ସର୍ଭେ ଅନୁସାରେ ପାଖାପାଖି ୫୦% ଲୋକଙ୍କ ଠାରେ ଆଣ୍ଟିବଡି ସୃଷ୍ଟି ହୋଇଛି ବୋଲି ଡାକ୍ତର ପତି ସୂଚନା ଦେଇଛନ୍ତି। ଏଥିସହ ଡା. ପତି କହିଛନ୍ତି, ସହରର ୫୫ ନମ୍ବର ୱାର୍ଡରୁ ସର୍ବନିମ୍ନ ୨୮% ଲୋକଙ୍କ ଦେହରେ ଆଣ୍ଟିବଡି ସୃଷ୍ଟି ହୋଇଥିବା ବେଳେ ୧୬ ନମ୍ବର ୱାର୍ଡରେ ଏହା ୬୦% ପର୍ଯ୍ୟନ୍ତ ପହଞ୍ଚିଛି। ସେହିଭଳି ୫ଟି ୱାର୍ଡରେ ଆଣ୍ଟିବଡି ବିକଶିତ ହୋଇଥିବା ଲୋକଙ୍କ ସଂଖ୍ୟା ୬୦%ରୁ ଅଧିକ ରହିଛି। ସେରୋ ସର୍ଭେ ସଂକ୍ରମଣର ଭବିଷ୍ୟତ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। କରୋନା ସଂକ୍ରମଣ ନିୟନ୍ତ୍ରଣରେ କୋଭିଡ୍ ଯୋଦ୍ଧାମାନଙ୍କର ଅତୁଳନୀୟ ଭୂମିକା ରହିଛି। ତେଣୁ ସେମାନେ ଧନ୍ୟବାଦର ପାତ୍ର। କାରଣ କୋଭିଡ ଯୋଦ୍ଧାଙ୍କ ପାଇଁ ଏବେ ଭୁବନେଶ୍ୱରରେ ୫୦% ଲୋକଙ୍କ ଠାରେ ଆଣ୍ଟିବଡି ସୃଷ୍ଟି ହୋଇପାରିଛି।

## ଭକ୍ତ ଦେଖିପାରିବେନି ନାଗାର୍ଜୁନ ବେଶ



**ପୁରୀ :** ମହାପ୍ରଭୁଙ୍କ ବହୁ ପ୍ରତିକ୍ଷୀତ ନାଗାର୍ଜୁନ ବେଶ ଭକ୍ତ ଦେଖିପାରିବେ ନାହିଁ। କୋଭିଡ୍ କଟକଣା ଯୋଗୁ ନାଗାର୍ଜୁନ ବେଶ ଦେଖିବାକୁ ଭକ୍ତଙ୍କୁ ବାରଣ କରାଯାଇଛି। ଦୀର୍ଘ ୨୫ ବର୍ଷ ପରେ ଏବର୍ଷ ପଡୁଛି ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶ୍। ହେଲେ କୋଭିଡ୍ କଟକଣା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିବ। ତେବେ ଆସନ୍ତା ମାସ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ବେଶ ପାଇଁ ଶ୍ରୀମନ୍ଦିର ନୀତି ସବ୍‌କମିଟି ବୈଠକରେ ବେଶ ନୀତି ନିର୍ଘଣ୍ଟ ହୋଇଛି। ନଭେମ୍ବର ୨୭ ତାରିଖ ରାତି ୨ଟାରେ ଦ୍ୱାର ଫିଟା ପରେ ଠାକୁରଙ୍କ ମଙ୍ଗଳ ଆଳତି, ମଇଲମ ଆଦି ସରିବା ପରେ ଭୋର ୪ଟାରେ ନାଗାର୍ଜୁନ ବେଶ ଆରମ୍ଭ ହେବ। ଏହି ବେଶରେ ଠାକୁରମାନଙ୍କୁ ସଜେଇବାକୁ ପ୍ରାୟ ୩ଘଣ୍ଟା ଲାଗିବ। ଅର୍ଥାତ ସକାଳ ୭ଟାରେ ବେଶ ଶେଷ ହେବ। ଅପରାହ୍ନ ସାଢ଼େ ଗୋଟାଏରେ ଭୋଗମଣ୍ଡପ ଉଠିବା ପରେ ୨ଟାରେ ନାଗାର୍ଜୁନ ବେଶ ମଇଲମ କରାଯାଇ ଅପରାହ୍ନ ୩ଟାରେ ବେଶ ଶେଷ ହେବ। ତେବେ କୋଭିଡ୍ କଟକଣା ପାଇଁ ଏହି ଦୁର୍ଲଭ ବେଶ ଦର୍ଶନ ବନ୍ଦ ନିଷ୍ପତ୍ତି ନିଆଯାଇଛି। ସେପଟେ କରୋନା ମହାମାରୀ ଭିତରେ ପୁରୀରେ କାର୍ତ୍ତିକ ବ୍ରତ ପାଳନ ଉପରେ ମଧ ଜିଲ୍ଲା ପ୍ରଶାସନ ଲଗାଇଛି କଟକଣା। ପୁରୀକୁ ନ ଆସି ଘରେ ରହି କାର୍ତ୍ତିକ ବ୍ରତ କରିବା ଲାଗି ହବିଷ୍ୟାଳୀଙ୍କୁ ଅନୁରୋଧ କରିଛି ପୁରୀ ପ୍ରଶାସନ। କରୋନାକୁ ଦୃଷ୍ଟିରେ ରଖି ଏବର୍ଷ ହବିଷ୍ୟାଳୀ ଶିବିର କରାଯିବ ନାହିଁ ବୋଲି ଉପଜିଲ୍ଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ପ୍ରତିବର୍ଷ କାର୍ତ୍ତିକ ମାସ ସାରା ପୁରୀରେ ହବିଷ୍ୟାଳୀମାନେ ରହି ବ୍ରତ ପାଳନ କରିଥାନ୍ତି। ହେଲେ କରୋନା ମହାମାରୀ ଉପରେ କାବୁ ଆସିନଥିବାରୁ ସଂକ୍ରମଣରୁ ବର୍ତ୍ତିବା ଲାଗି ଏଥର ଜିଲ୍ଲା ପ୍ରଶାସନ ସେମାନଙ୍କୁ ପୁରୀ ନ ଆସିବାକୁ କହିଛି।

# ଏସ୍‌ସିବିରେ ୫୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଲୋକାର୍ପଣ



**କଟକ, :** ରାଜ୍ୟରେ ଧୀରେ ଧୀରେ କମିବାରେ ଲାଗିଛି କୋଭିଡ୍ ସଂକ୍ରମଣ। ରାଜ୍ୟ ସରକରଙ୍କ ଦୃଢ଼ ପଦକ୍ଷେପ ପାଇଁ ସୁଧୁରୁଛି ପରିସ୍ଥିତି। ଏଥିପାଇଁ ରାଜ୍ୟ ସରକାର ଅନେକ ପ୍ରକାର ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। କରୋନା ମହାମାରୀ ବିରୁଦ୍ଧରେ ଲଢ଼େଇକୁ ଆହୁରି ଦୃଢ଼ କରି କଟକ ବଡ ଡାକ୍ତରଖାନାର ବହୁ ପ୍ରତୀକ୍ଷିତ ୫୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଲୋକାର୍ପିତ କରିଛନ୍ତି। ହସ୍ପିଟାଲରେ ୮୦ଟି ଆଇସିୟୁ ବେଡ୍‌ର ବ୍ୟବସ୍ଥା ରହିଥିବା ବେଳେ ଏସ୍‌ସିବି ନ୍ୟୁ ମେଡିସିନ ୱାର୍ଡରେ ୨୦୦ ବେଡ୍, ଆଇସୋଲେସନ ୱାର୍ଡରେ ୨୭୦ ବେଡ୍‌ଏ ସ୍ତ୍ରୀ-ରୋଗ ଓ ପ୍ରସୂତି ବିଭାଗରେ ୩୦ ବେଡ୍, ଗୋଟିଏ ଓଟି ଓ ୧୦ଟି ଲେବର ଟେବୁଲ ବ୍ୟବସ୍ଥା ରହିଛି। ଆରଡିସି ଅନିଲ କୁମାର ସାମଲ ୫୦୦ ଶଯ୍ୟା ବିଶିଷ୍ଟ ଏହି କୋଭିଡ୍ ହସ୍ପିଟାଲକୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିନ୍ ତଥା ଅଧକ୍ଷ ପ୍ରଫେସର ଡାକ୍ତର ଦଣ୍ଡେଶ୍ୱର ହୋତା, ଦାୟିତ୍ୱରେ ଥିବା ଅଧିକ୍ଷକ ପ୍ରଫେସର ଡାକ୍ତର ଲୁସି ଦାସ, ମେଡିସିନ ବିଭାଗ ମୁଖ୍ୟ ତଥା କୋଭିଡ୍ ହସ୍ପିଟାଲ ନୋଡାଲ ଅଫିସର ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ସମେତ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପଟେ ଦାୟିତ୍ୱରେ ଥିବା ଅତିରିକ୍ତ ଡିଏମ୍‌ଇଟି ଡାକ୍ତର ଉମାକାନ୍ତ ଶତପଥୀ ଓ ଅତିରିକ୍ତ ଡିଏମ୍‌ଇଟି ଡାକ୍ତର ବ୍ରଜ ଦାସ ଏସ୍‌ସିବିରେ ପହଞ୍ଚି କିପରି ଆକ୍ରାନ୍ତଙ୍କ ଚିକିତ୍ସା, ଗୁରୁତରଙ୍କୁ ସ୍ଥାନାନ୍ତରଣ, ଅସ୍ତ୍ରୋପଚାର ତଥା ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଡିନ୍ ଓ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରିବା ସହ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରିଥିଲେ। ଉଦ୍‌ଘାଟିତ ଏସ୍‌ସିବି କୋଭିଡ୍ ହସ୍ପିଟାଲରେ ୮୦ଟି ଆଇସିୟୁ ବେଡ୍‌ର ବ୍ୟବସ୍ଥା ରହିଛି। ଏଥିସହିତ ଏସ୍‌ସିବି ନ୍ୟୁ ମେଡିସିନ ୱାର୍ଡରେ ୨୦୦ ବେଡ୍‌ଏ ଆଇସୋଲେସନ ୱାର୍ଡରେ ୨୭୦ ବେଡ୍, ସ୍ତ୍ରୀ-ରୋଗ ଓ ପ୍ରସୂତି ବିଭାଗରେ ୩୦ ବେଡ୍, ଗୋଟିଏ ଓଟି ଓ ୧୦ଟି ଲେବର ଟେବୁଲ ବ୍ୟବସ୍ଥା ରହିଥିବା ବେଳେ ସର୍ଜରି ବିଭାଗରେ କୋଭିଡ୍ ଓଟିର ବ୍ୟବସ୍ଥା କରାଯିବ ବୋଲି ଏସ୍‌ସିବି କୋଭିଡ୍ ହସ୍ପିଟାଲ ନୋଡାଲ ଅଫିସର ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପଟେ ଆଇସୋଲେସନ ୱାର୍ଡକୁ କୋଭିଡ୍ ହସ୍ପିଟାଲରେ ରୂପାନ୍ତରିତ କରାଯାଇଥିବା ବେଳେ ଗୋଟିଏ ଫ୍ଲୋରର ୮୦ଟି ବେଡ୍ ସନ୍ଦିଗ୍ଧଙ୍କ ପାଇଁ ବା ଆଇସୋଲେସନ ପାଇଁ ରଖାଯିବ। ମାସକୁ ୨୦୦ଜଣ ଡାକ୍ତର କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ରହିବେ, ଯେଉଁମାନେ ଦିନକୁ ୮ଘଣ୍ଟା ଡ୍ୟୁଟି କରିବେ। ଆଜି ପ୍ରଥମ ଦିନରେ ସଂଧ୍ୟା ସୁଦ୍ଧା ଶହେ ଜଣ ଓ ଆଇସିୟୁରେ ୩୭ଜଣ କରୋନା ଆକ୍ରାନ୍ତ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି। ସୂଚନାଥାଉ କି, ସଦଗୁରୁ କୋଭିଡ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣା ପରଠାରୁ ଅର୍ଥାତ୍ ଉଦ୍‌ଘାଟନ ପୂର୍ବରୁ ଉକ୍ତ ହସ୍ପିଟାଲର ଗୁରୁତର ରୋଗୀଙ୍କୁ ଏଠାରେ ଚିକିତ୍ସା କରାଯାଉଥିଲା। ଆଜିର ଲୋକାର୍ପଣ କାର୍ଯ୍ୟକ୍ରମରେ ସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ବନବିହାରୀ ମିଶ୍ର, ରୁମାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ବିଦ୍ୟୁତ୍ ଦାସ, ସ୍ତ୍ରୀ-ରୋଗ ଓ ପ୍ରସୂତି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ତୁଷାର କର, ନ୍ୟୁରୋସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ଜରୁରୀକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା, ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା, ହସ୍ପିଟାଲ ମ୍ୟାନେଜର ସୋମ୍ୟା ମହାନ୍ତି, ବିରଞ୍ଚି ସାହୁଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ, ଷ୍ଟାଫ ନର୍ସ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ଜିଲ୍ଲାକୁ ଯାଇଥିବା ପିଜି ଡାକ୍ତରଙ୍କୁ ଫେରାଇ ଆଣିବାକୁ ଯୋଜନା ହୋଇଛି। ଦିନକୁ ଦିନ କରୋନା ସଂକ୍ରମଣ କମୁଥିବା ବେଳେ ବିଭିନ୍ନ ଜିଲ୍ଲାକୁ ଯାଇଥିବା ପିଜି ଓ ସିନିୟର ରେସିଡେଣ୍ଟ ଡାକ୍ତରଙ୍କୁ ଏସ୍‌ସିବି ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨ - ୮ ନଭେମ୍ବର, ୨୦୨୦

# ସମୟକୁ ଚାହିଁ ପରିବର୍ତ୍ତନର ଆହ୍ୱାନ

**କା**ଳ ହିଁ ମଣିଷର ଗତି ନିୟନ୍ତ୍ରଣ କରେ। ସୁଖ ହେଉ କି ଦୁଃଖ କର୍ମ ଅନୁସାରେ ମଣିଷ ଭୋଗ କରିଥାଏ। ଜୀବନ ଧାରାର ବିଭିନ୍ନ ପାହାଚ ଅତିକ୍ରମ କଲାବେଳେ କେତେ କେତେ ଘଟଣା ଓ ଦୁର୍ଘଟଣା ହୃଦୟକୁ ଆହ୍ଲାଦିତ ଓ ବିଚଳିତ କରିଥାଏ। କରୋନା କାଳର ସଙ୍କଟ ମଣିଷ ମନରେ ସେଭଳି କିଛି ପ୍ରତିକ୍ରିୟା ସୃଷ୍ଟି କରିଛି। ପର୍ଯ୍ୟାୟ କ୍ରମେ ଏହା ମଣିଷକୁ ଚିନ୍ତା କରିବାକୁ ବାଧ୍ୟ କରିଛି, ଯେଉଁଥିରେ ଭବିଷ୍ୟତ ଓ ଉପାର୍ଜନର ସୋପାନ କିଭଳି ସୁରକ୍ଷିତ କରିହେବ ତାହା ସଂଶୟ ମଧ୍ୟକୁ ଟାଣିନେଇଛି। ଜୀବନ ମୃତ୍ୟୁର ଚକ୍ର ଜଟିଳ ଜାଣି ସୁଦ୍ଧା ଏହାକୁ ଭେଦକରି ନୂଆ ଯୁଗର ସନ୍ଧାନ କରିଚାଲିଛି ବିଜ୍ଞାନୀ ମଣିଷ। କେବେ ପାଣିପାଗ ସହ ଲଢ଼େଇ ତ ଆଉ କେବେ ପଶୁପକ୍ଷୀଙ୍କ ସହ ଯୁଝିବାକୁ ପଡୁଛି। ବନ୍ୟା, ବାତ୍ୟା, ବଜ୍ରପାତ ଭଳି ଅନେକ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନା କରିବାକୁ ପଡୁଛି। ଭୂସ୍ଖଳନ, ବାଦଲଫଟା ବର୍ଷାକୁ ସହି ଜୀବନକୁ ଆଗକୁ ଆଗକୁ ନେଇଚାଲିଛି ମଣିଷ। ତା ଭିତରେ ଅକାଳ ମୃତ୍ୟୁକୁ ମଧ୍ୟ ଭେଟିଚାଲିଛି। ଚିନ୍ତାଗ୍ରସ୍ତ ହୋଇଛି, ହେଲେ ସମ୍ପୂର୍ଣ୍ଣ ଭାଙ୍ଗିପଡିନି। ତେଣୁ ବ୍ୟାଧି ସହ ଲଢ଼ି ଜୀବନ ବଞ୍ଚେଇବାର ଅଦମ୍ୟ ଚେଷ୍ଟା କରୁଥିବା ମଣିଷ ଜାତି ଏବେ ନୂତନ ଭୂତାଣୁ ଜନିତ ମହାମାରୀ କରୋନା ସହ ଲଢ଼େଇ ଜାରି ରଖିଛି। ପାଖାପାଖି ଗୋଟିଏ ବର୍ଷ ହେବାକୁ ଯାଉଛି। କରୋନା କବଳରେ ପଡିଥିବା ବିଶ୍ୱବାସୀ ଏବେ ଏଥିରୁ ମୁକ୍ତି ପାଇବା ପାଇଁ ବାରମ୍ବାର ପରୀକ୍ଷା ନିରୀକ୍ଷା କରିଚାଲିଛି। ଟୀକା ପ୍ରସ୍ତୁତ କରି ମଣିଷ ସମାଜକୁ ସୁସ୍ଥ ରଖିବା ପାଇଁ ବିଶ୍ୱର ୨୦୦ରୁ ଊର୍ଦ୍ଧ୍ୱ ଦେଶ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ବଡ ବଡ ରାଷ୍ଟ୍ର ଏହି ଜଟିଳ ସ୍ଥିତିକୁ କିଭଳି ସାମ୍ନା କରି ମଣିଷକୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିବେ ସେ ନେଇ ଅଧିକ ଗବେଷଣା କରୁଛନ୍ତି। କେତେକ ରାଷ୍ଟ୍ର କରୋନା ଟିକା ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛନ୍ତି। ବିକଶିତ ଟିକାର ମାନବ ପରୀକ୍ଷଣ ମଧ୍ୟ ଚାଲିଛି। ଏହାରି ମଧ୍ୟରେ କିଛି ରାଷ୍ଟ୍ର ଏହି କରୋନା ଟିକା ସାର୍ବଜନୀନ କରିବା ଦିଗରେ ଲାଗିପଡିଛନ୍ତି। ହୁଏତ ଆଗାମୀ କିଛି ସପ୍ତାହ ମଧ୍ୟରେ ଏହା ପର୍ଯ୍ୟାୟକ୍ରମେ ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇପାରିବ। ତେବେ ଏହି ଟିକା ପାଇଁ ଯେଉଁ ବିପୁଳ ଅର୍ଥ ବ୍ୟୟ ହେବ ତାହା ରାଷ୍ଟ୍ର ବହନ କରିବ ବୋଲି ଜଣାପଡିଛି। ଏ କ୍ଷେତ୍ରରେ ଆମ ଦେଶ ଭାରତ ମଧ୍ୟ ଅନେକ ପାହାଚ ଆଗକୁ ଅତିକ୍ରମ କରି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଥିବାର ସୂଚନା ରହିଛି। ତେଣୁ କରୋନା ଟିକା ଉଦ୍ଭାବନ ସଫଳ ହେଲେ ଦୀର୍ଘଦିନ ହେବ ଅଟକି ପଡିଥିବା ଜୀବନଯାତ୍ରା ପୁନର୍ବାର ସ୍ୱାଭାବିକ ହୋଇ ବିକାଶ ଯାତ୍ରା ଆଗକୁ ନେବାର ସମ୍ଭାବନା ଉତ୍ପନ୍ନ ହେଲାଣି। କାରଣ ମହାମାରୀ କରୋନା ଯେଭଳି ଭୟ ସଂଚାର କରି ମଣିଷ ଜାତିକୁ ବିଲୋପ କରିଦେବାର ଆତଙ୍କ ସୃଷ୍ଟି କରିଥିଲା ତାହା ଅତ୍ୟନ୍ତ ଚିନ୍ତାଜନକ। ଏଭଳି ପରିସ୍ଥିତିରେ ଲୋକଙ୍କ ଭିତରେ ଭୂତାଣୁ ଭୟ ସହ ଉପାର୍ଜନ ହରାଇବାର ଏକ ଅଦ୍ଭୁତ ସମସ୍ୟା ଦେଖାଦେଇଥିଲା। ଯେଉଁ ରାଷ୍ଟ୍ରରେ କରୋନା ମହାମାରୀ ନିଜର କାୟା ବିସ୍ତାର କରିଚାଲିଲା ଓ ସଂକ୍ରମଣ ବୃଦ୍ଧି ପାଇଲା ସେଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଲା। କରୋନାରୁ ଆରୋଗ୍ୟ ଲାଭ ପାଇଁ ନିର୍ଦ୍ଦିଷ୍ଟ ଚିକିତ୍ସା ବା ଔଷଧ ଅଭାବରୁ ଏହାକୁ ନିୟନ୍ତ୍ରଣ କରିବା କଷ୍ଟସାଧ୍ୟ ହୋଇପଡିଥିଲା। ତଥାପି ଭିନ୍ନ ଭିନ୍ନ ରାଷ୍ଟ୍ରରେ ଚିକିତ୍ସା ବିଜ୍ଞାନର ସଫଳତା ଆଧାରରେ କରୋନା ରୋଗୀଙ୍କୁ ଚିକିତ୍ସା କରାଯାଉଛି। ଏଥିରେ ଆଶାତୀତ ସଫଳତା ମିଳିବା ଦ୍ୱାରା ବିଶ୍ୱରେ କରୋନାର ପ୍ରକୋପ ପାଖାପାଖି ନିୟନ୍ତ୍ରଣରେ ଥିବା ଜଣାପଡୁଛି। ତଥାପି ୟୁରୋପୀୟ ରାଷ୍ଟ୍ରରେ କରୋନାର ଦ୍ୱିତୀୟ ପାଳିତ ଆରମ୍ଭ ହୋଇଯାଇଥିବା ଖବର ପୁଣି ଏକ ଭୟ ସଂଚାର କରୁଛି। ଯେ ପର୍ଯ୍ୟନ୍ତ କରୋନାରୁ ମୁକ୍ତି ପାଇବା ପାଇଁ ଫଳପ୍ରଦ ଟିକା ଉପଲବ୍ଧ ହୋଇପାରିନାହିଁ, ସେତେଦିନ ପର୍ଯ୍ୟନ୍ତ କରୋନା ଭୟ ଲୋକଙ୍କ ମନରେ ଭୟ ସଂଚାର କରିଚାଲିଥିବ। ତଥାପି ପ୍ରତ୍ୟେକ ଦିନ କରୋନାକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ତାହାରି ଭିତରେ କରୋନା ଟିକା ବିକଶିତ ହେବା ଓ ଏହାର ମାନବିକ ପରୀକ୍ଷଣ ଅନ୍ତିମ ପର୍ଯ୍ୟାୟରେ ବୋଲି ଖବର ମିଳୁଛି। ଯେ ପର୍ଯ୍ୟନ୍ତ କରୋନା ଟିକା ସାର୍ବଜନୀନ ହୋଇପାରିନାହିଁ କିମ୍ବା ସାଧାରଣଲୋକଙ୍କ ନିକଟରେ ଏହା ସହଜରେ ଉପଲବ୍ଧ ହୋଇନାହିଁ, ସେ ପର୍ଯ୍ୟନ୍ତ ଲୋକଙ୍କ ମନରୁ ଭୟ ଦୂର ହେବା କଷ୍ଟ। କାରଣ ପୂର୍ବରୁ ଆକ୍ରାନ୍ତ ଓ ମୃତ୍ୟୁହାର ଯେଭଳି ଥିଲା ଏହା ନିଶ୍ଚୟ ଚିନ୍ତାଜନକ।



ସମ୍ପାଦକୀୟ
ତାରକ ମହାନ୍ତି

ରାଜ୍ୟରେ ବର୍ତ୍ତମାନର କରୋନା ସ୍ଥିତିକୁ ଅନୁଧ୍ୟାନ କଲେ ସେପ୍ଟେମ୍ବର ମାସର ଭୟାବହତା ଆଉନାହିଁ। କାରଣ ଅକ୍ଟୋବର ମାସ ମଧ୍ୟଭାଗରୁ ଓଡ଼ିଶାରେ କରୋନାର ପ୍ରକୋପ କମିବାରେ ଲାଗିଛି। ସବୁଠୁ ଚିନ୍ତାଜନକ ଥିବା ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ସଂକ୍ରମଣ ତିନି ଅଙ୍କରୁ ଆସି ଦୁଇ ଅଙ୍କରେ ପହଞ୍ଚିଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ସାମ୍ପ୍ରତିକ ଭୁବନେଶ୍ୱର ହୋଇଥିବା ସେରୋ ସର୍ଭେ ରିପୋର୍ଟ ଖୁବ ଭଲ ଖବର ଦେଇଛି। ରିପୋର୍ଟ ଅନୁସାରେ ରାଜଧାନୀରେ ୫୦% ଲୋକଙ୍କ ଦେହରେ ଆଣ୍ଟିବଡି ବିକଶିତ ହୋଇସାରିଛି। ଫଳରେ ସଂକ୍ରମଣ ଅଧିକ ଦେଖାଦେବ ନାହିଁ। ହେଲେ ଅନ୍ୟ ୫୦% ଲୋକଙ୍କୁ ପୂର୍ବଭଳି ସତର୍କ ରହି କୋଭିଡ ନିୟମ ମାନି ଚଳିବାକୁ ହେବ। ଯେଉଁମାନଙ୍କ ଦେହରେ ଆଣ୍ଟିବଡି ବିକଶିତ ହୋଇଛି ସେମାନେ ମଧ୍ୟ ନିୟମ ମାନି ନଚଳିଲେ ବିପଦର ସମ୍ମୁଖୀନ ହୋଇପାରନ୍ତି। ଦେଶରେ କରୋନା ମାନଚିତ୍ର ମଧ୍ୟ ଠିକ ଥିବା ଓ କରୋନା ମୃତ୍ୟୁହାର କମିଥିବା ସୂଚନା ରହିଛି। ଅତଏବ କରୋନା କମିଥିଲେ ବି ଏହାର ଭୟ ଦୂର ହୋଇନାହିଁ। ଯାହାଫଳରେ କେନ୍ଦ୍ରୀୟ କୋଭିଡ୍ ଗାଇଡ୍ ଲାଇନ ଅନୁସାରେ ସମସ୍ତଙ୍କୁ ଚଳିବାକୁ ପଡିବ। ଯେତେଦିନ ପର୍ଯ୍ୟନ୍ତ କରୋନା ଟିକା ଅନ୍ୟ ଟିକା ଭଳି ନମିଳିଛି, ସେ ପର୍ଯ୍ୟନ୍ତ କରୋନା ଭୟ ଦୂର ହୋଇପାରିବ ନାହିଁ। ତେଣୁ ସମୟ ଅନୁସାରେ ମଣିଷ ନିଜ ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଆଣି ଆବଶ୍ୟକ ପଦକ୍ଷେପ ନନେଲେ ଭବିଷ୍ୟତରେ ସାମ୍ନା କରିବାକୁ ଥିବା ବିଭିନ୍ନ ରୋଗ, ସମସ୍ୟାରୁ ମୁକ୍ତି ପାଇପାରିବନାହିଁ। ଖାଦ୍ୟରେ ସଂଯମୀ ହେବା ସହ ଆଚାର ବିଚାରରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡିବ। ଘଡିସନ୍ଧି ମୁହୂର୍ତ୍ତକୁ କିଭଳି ସାମ୍ନା କରିବାକୁ ହୁଏ ତାହା ଏହି ମହାମାରୀ କରୋନା ପରିସ୍ଥିତିରୁ ଶିକ୍ଷାଲାଭ କରିବାକୁ ହେବ। ଜଳବାୟୁ ପରିବର୍ତ୍ତନର ସଙ୍କଟ ଘନେଇ ଆସୁଥିଲା ବେଳେ ମହାମାରୀ ସମୟର ଲକଡାଉନ ଓ ସଟଡାଉନ୍ ଦ୍ୱାରା କିଛି ପରିମାଣ ପ୍ରଦୂଷଣ ହ୍ରାସ ପାଇଛି। ଏହାର କାରଣ କଳ କାରଖାନା ଧୂଆଁ, ଗାଡି ଧୂଆଁ ଓ ବର୍ଜ୍ୟବସ୍ତୁର ନିର୍ଗମନ ଏହି ସମୟରେ ହ୍ରାସ ପାଇଥିଲା। ଧୀରେ ଧୀରେ ସ୍ୱାଭାବିକ ଆଡକୁ ଗତି କରୁଥିବା ବିଶ୍ୱ ପାଇଁ ଏବେ ପ୍ରାକୃତିକ ବିପର୍ଯ୍ୟୟ ଭୟ ରହିଛି। ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ଅନେକ ବିପଦ ଲୋକଙ୍କ ପାଇଁ ଅକଥନୀୟ ଦୁର୍ଦ୍ଦଶାକୁ ଡାକିଆଣିବାର ଆଶଙ୍କା ମଧ୍ୟ ରହିଛି। ଏହାରି ମଧ୍ୟରେ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଓ କ୍ଷେପଣାସ୍ତ୍ରର ବିଷକ୍ରିୟା ମଧ୍ୟ ଅନ୍ୟତମ ବିପଦର କାରଣ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଚୀନା ମଣିମାଙ୍କୁ ଜଣା ଅଛି କି ?



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପୂର୍ବର ଚୀନ ଦେଶର ସମ୍ରାଟମାନେ ନିଜକୁ ଆକାଶ ପୁତ୍ର ବୋଲି ଘୋଷଣା କରୁଥିଲେ। ଏହା ସର୍ବସମ୍ମତ ମତ ନଥିଲେ ବି ତଲବାର ଓ ଗର୍ଦ୍ଦନ ଯିବା ଭୟରେ ପ୍ରଜାଏ ତାଙ୍କୁ ଆଜ୍ଞା ମଣିମା କହି ମୁଣ୍ଡ ନୁଆଁଇ ମୌନ ହିଁ ମାରୁଥିଲେ। ସାଧାରଣ ଲୋକଙ୍କ କଥା ଛାଡ଼। ରାଜ ପରିବାର ଲୋକେ କେବେହେଲେ ଉଚ୍ଚ ଶିକ୍ଷିତ କେବେ ନଥିଲେ, ତତ୍କାଳ ରାଜାମାନେ ବହୁ ପତ୍ନୀ ଗ୍ରହଣ କରୁଥିଲେ ଫଳରେ ଅନେକ ସନ୍ତାନର ଜନକ ବନି ଯାଉଥିଲେ କାମାତୁର ଯୌବନ କାଳରେ ରହିବା ବେଳେ ଭବିଷ୍ୟତ ନିଜର ଉତ୍ତରାଧିକାରୀଙ୍କର ଭାବି ପାରୁନଥିଲେ ଫଳରେ ସ୍ୱ ପିଲାଙ୍କୁ ଉପଯୁକ୍ତ ଶିକ୍ଷା କେବେ ଦେଇପାରୁ ନଥିଲେ। ଯଦିବା ଦିଆଯାଉଥିଲା ନୃଶଂସ ନିଷ୍ଠୁର ସ୍ୱାର୍ଥପରତାର ଦିଗରେ ଶିକ୍ଷା ଦେଇ ଅନ୍ୟକୁ ଦଣ୍ଡ ଦେଇ ନିଜେ ବଞ୍ଚିବା ଶିକ୍ଷା ଦିଆଯାଉଥିଲା। ପୁରାଣ ଅନୁଧ୍ୟାନ କଲେ ବୁଝାଯାଏ ହିରଣ୍ୟ କଶିପୁଙ୍କ ପୁଅ ପ୍ରହ୍ଲାଦଙ୍କୁ ଦୁଇଜଣ ଶିକ୍ଷକ ଉପଯୁକ୍ତ ବିଦ୍ୟା ଶିକ୍ଷା ଦେଇ ହିରଣ୍ୟ କଶିପୁଙ୍କ ପ୍ରିୟ ଭାଜନ ହୋଇପାରିନଥିଲେ। ଗୃହ ଶିକ୍ଷକଙ୍କ ଦ୍ୱାରା କୌରବ ପାଣ୍ଡବ ଶିକ୍ଷା ଏ ପ୍ରକାର କୋର୍ସରେ ପାଇଥିଲେ ବି କୌରବ ପକ୍ଷ ଦୁର୍ଯ୍ୟୋଧନ ପାଣ୍ଡବଙ୍କୁ ଭାଗ ଦେବାକୁ ବିନା ଯୁଦ୍ଧରେ ଅରାଜି ହୋଇଥିଲେ। କାରଣ ମ୍ୟାଜିକ ନମ୍ବର ୯୯ଟି ହାତ ତାଙ୍କ ସପକ୍ଷରେ ସର୍ବଦା ଟେକ ରହୁଥିଲା। ଆଉ ମାତ୍ର ୫ ତାଙ୍କର କଣ କରିବ ? ବ୍ୟକ୍ତିଗତ ଚିନ୍ତନ ଓ ସ୍ୱାର୍ଥପରତାର ଶେଷ ପରିଣତି କଣ ହେବ ? ଏ କଥା ବିଭିନ୍ନ ଶିକ୍ଷା ଜାଣି ମସ୍ତିଷ୍କରେ ସମୟକୁ ତୌଲ କରି ନପାରିଲେ କେବଳ ଲୋକବଳ ଅସ୍ତ୍ରବଳ ଓ ରାଜକାନୁନ ଲଗାଇଲେ ଶେଷ ପରିଣତି କେବେ ହେଲେ ଶୁଭ ହୋଇ ନପାରେ, ବିଷ୍ଣୁଙ୍କର ବହୁ ଅସ୍ତ୍ର ମାତ୍ର ଏମିତି ଏକ ସମୟ ଆସିଲା ବିନା ଅସ୍ତ୍ରରେ ବଡ଼ ବଳବାନ ଶକ୍ତିଧାରୀକୁ ନଖରେ ଚିରି ଅନ୍ତ କରିଥିଲେ। ସବୁ ଦେବତାଙ୍କର ନିଷ୍ଠେ ଶକ୍ତିଶାଳୀ ଅସ୍ତ୍ର ଅଛି ମାତ୍ର କଣ ହେଲା ସେମାନେ ମହିଷାସୁରକୁ ପାରିଲେ ନାହିଁ ଶେଷରେ ଜଣେ ନାରୀ ହାତରେ ସେ ଅସ୍ତ୍ର ଦେଇ ସେହି ଅସ୍ତ୍ରରେ ମହିଷାକୁ ଅନ୍ତ କରାଯାଇପାରିଲା ? ଏଥିରୁ କଣ ଶିକ୍ଷା ମିଳୁଛି ? ସମୂହ ଶକ୍ତି ପ୍ରୟୋଗ ହିଁ ଦୁସାଧ୍ୟ ସାଦନକାରୀ ନିଶ୍ଚୟ।

ଏକ ଆଇନ ମହାବିଦ୍ୟାଳୟରେ ଏକ ପ୍ରକାର କୋର୍ସରେ ଦୁଇଜଣ ଓକିଲ ପାଠ ପଢ଼ିଛନ୍ତି ମାତ୍ର ଆପଣା ଆପଣା ଢ଼ଙ୍ଗରେ ସେ ବିଦ୍ୟାକୁ ବାଦୀ ଓ ପ୍ରତିବାଦୀଙ୍କ ପାଇଁ ଲଗାଇ ମାମଲା ଲଢୁଛନ୍ତି। ଅସ୍ତ୍ର ନିର୍ମାତା ପୂର୍ବେ କମାରମାନେ ଥିଲେ। ପ୍ରକୃତରେ ଏହା କମାର ବୃତ୍ତିର ଧନ୍ଦା। ପେଟ ପୋଷିବା ପାଇଁ ତାହା ତାଙ୍କର ଉତ୍ସ ଥିଲା। ହେଲେ ଅସ୍ତ୍ର ଦ୍ୱାରା ରକ୍ତପାତ ହୋଇ ସଂସାରରେ ଅଶାନ୍ତି ଭୟ ଯେ ସୃଷ୍ଟି ହୋଇପାରେ ଏକଥା ସମସ୍ତଙ୍କର ଚିନ୍ତନରେ ଆସିଲେ ବି ବୃତ୍ତି ଛାଡ଼ି ପାରନ୍ତି ନାହିଁ। ଲେଖକ ଜଣେ ଇଂରାଜୀ ଭାଷାରେ ଟୁବଲ କ୍ୟାନ ପଦ୍ୟ ଇଂରାଜୀରେ ଲେଖି ଏକ ବଡ଼ ବିପ୍ଳବାତ୍ମକ ପରିବର୍ତ୍ତନ ଚିନ୍ତନ କରିଛନ୍ତି। ଯେଉଁ ଲୁହାଧାତୁରେ ଅସ୍ତ୍ର ହେଉଛି ସେହି ଲୁହାଧାତୁରୁ କୃଷି ଉପକରଣ ହୋଇପାରୁଛି। ସେଠାରେ ଲୋକେ ଏହାପାଇ କୃଷିରେ ମନ ଦେଲେ ଶତୃତା ଅନ୍ତଃ ଘଟିପାରେ। ଆମ ଓଡ଼ିଶାରେ ଖଣ୍ଡାୟତ ଜାତି ଅଛନ୍ତି ଏହି ଖଣ୍ଡା ଖୋଳରେ ଆୟତ ରହିଥାଏ ସ୍ଥଳରେ ବୃଥା ରକ୍ତପାତ ଯୁଦ୍ଧ ନିବୃତ୍ତ ପାଇଁ ଶ୍ରୀଚୈତନ୍ୟ ଦେବ ଆରମ୍ଭ କରିଥିଲେ ନାମ ସଂକୀର୍ତ୍ତନର ଧାରା ପଞ୍ଚସଖା ଯୁଗରେ ଗୃହ ଗୃହେ ନାମ ଦେବା ଧାରା ସୃଷ୍ଟି କରି କରବାଳ ସ୍ଥାନରେ କରତାଳ ପ୍ରତି ଆକୃଷ୍ଟ କଲେ ଏବେ ଦୋଳଯାତ୍ରା ରାସକ୍ରୀଡ଼ା, ଅଷ୍ଟପ୍ରହର, ଚତୁର୍ଥ ପ୍ରହର ନାମ କୀର୍ତ୍ତନ ଓଡ଼ିଶାରେ ଏହି ଖଣ୍ଡାୟତଙ୍କ ଗ୍ରାମ ବସ୍ତୀ ହୋଇଆସୁଛି। ଅଚ୍ୟୁତ, ଯଶୋବନ୍ତ, ଅନନ୍ତ, ବଳରାମ, ଜଗନ୍ନାଥଙ୍କର ଗୋଷ୍ଠୀର ପ୍ରଚାରକ ଏବେ ବି ଲୁପ୍ତ ନୁହଁନ୍ତି। ବିବାହ ପୂର୍ବରୁ ବର ଓ କନ୍ୟା ଏବେ ବି ନାମ ଦିଆ ଧନ୍ଦା ବନ୍ଦ ହୋଇନାହିଁ। ଭାଗବତ ଶାସ୍ତ୍ର, ମାଣବସା ଗୁରୁବାର ପୁସ୍ତକ, ହରିବଂଶ ଶାସ୍ତ୍ର ଏବେ ବି ପଠନ ବନ୍ଦ ହୋଇନାହିଁ। ତେବେ ଯେତିକି ମହିମା ପ୍ରଚାର ପ୍ରସାର ଦରକାର ଠିକ୍ ସେତିକି ସ୍ତର ପାଇଁ ରାଜ ପ୍ରୋତ୍ସାହନ ନାହିଁ।

ଆକାଶ ମହାଭୂତ ମଧ୍ୟରୁ ସବୁଠାରୁ ସୂକ୍ଷ୍ମ ଆକାଶ ତଳେ ଅନ୍ୟ ଭୂତ ଗଣ ଆଶ୍ରିତ। ଆକାଶରୁ ସବୁ ମହାଭୂତ ଜନ୍ମ ଓ ଲୀନ। ଆକାଶ ଆରମ୍ଭ ମହାଭୂତ ପୃଥ୍ୱି ଶେଷ ମହାଭୂତ। ପୃଥ୍ୱି ମହାଭୂତ ସ୍ଥୁଳ ବୋଲି ଦୃଶ୍ୟମାନ। ପ୍ରକୃତରେ ପୃଥିବୀ ଏକ ମାଟିର ଗୋଲକ ବା ମୁଣ୍ଡାଏ ମାଟି। ରାଜପଦ ସୃଷ୍ଟି ଦିନରୁ ଏଇ ମାଟି ବିବାଦ ଲାଗିରହିଛି। ଆକାଶ ମହାନ, ମାଟି ଠାରୁ ମାଟି ସ୍ପର୍ଶରୁ ଅନନ୍ତ ସ୍ଥାନ ପର୍ଯ୍ୟନ୍ତ ଲମ୍ବି ରହିଛି, ଅଥଚ ଏଇ ଆକାଶ ପୁତ୍ର ଚିନ୍ତନ ସଂକୁଚିତ ଚିନ୍ତନରେ ବାରମ୍ବାର ରହିବା ସାଧନାରେ ରହିଲେଣି। ଦିନରେ ତ ତାର ଦସ୍ୟୁ ପାଇଁ ଦେଶରେ ପାଚେରୀ ଲଗାଇବା ଦେଶର କାରପଟଦାର ମାନେ ସେ ଦେଶର ପାଚେରୀ ସ୍ଥିତିରୁ ବିଭିନ୍ନ ଦିଗକୁ ଠେଲି ଠେଲି ପ୍ରସ୍ତୁତ ଚିନ୍ତନରେ ଆସିଗଲେଣି। ଦେଶ କ୍ଷେତ୍ରଫଳକୁ ଆକାଶ ପୁତ୍ରମାନେ ବଢ଼ାଇବାରେ ଆନନ୍ଦ ପାଉଛନ୍ତି। ହେଲେ ଆକାଶ ଯେ ମହାନ ମହାନର ସମ୍ବନ୍ଧ ମହାନ ହେବା ଦରକାର ମହାନର ପୁତ୍ର ମହାନର ପରମ୍ପରା ରଖିବା ଦରକାର। ମାଆ ଶବ୍ଦଟିର ମଧୁର ଧ୍ୱନୀ କାହାକୁ ଅଗୋଚର ମାତ୍ର ଏଇଟିରେ ଦୁଇଟି ଆକାରାନ୍ତ ଅକ୍ଷର ଜଡ଼ିତ। ୧ମ 'ମା' - ମାଟିକୁ ବୁଝାଏ 'ଆ' ଏଇ ଆକାଶକୁ ବୁଝାଏ। ଯେ କୌଣସି ଜୀବ ବସ୍ତୁ ଯାହା କିଛି ପୃଥ୍ୱି ଉପରେ ଦେଖୁଛେ ସବୁ ଏଇ ଦୁଇ ମଧ୍ୟରେ ହିଁ ରହିଛି। ଏ ଦୁଇଟିରେ ଜନ୍ମ ମରଣସ୍ଥିତି ରହିଛି। ଲୀଳାରସ ସମସ୍ତେ ସହଚର। ପାଞ୍ଚ ମହାଭୂତରେ ଅତି ସ୍ଥୁଳ ପୃଥିବୀ ଅତିସୂକ୍ଷ୍ମ ଆକାଶ ଏହି ଦୁଇ ମଧ୍ୟରେ ବାୟୁ ଅଗ୍ନୀ ଜଳ ରହିଛନ୍ତି। ବାୟୁ ମହାବାତ୍ୟା କରି ଜୀବଙ୍କୁ ଡରାଉଛି। ପୁଣି ବାୟୁ ହିଁ ଜୀବର ବୃକ୍ଷଲତାର ପ୍ରାଣ ସଞ୍ଚାରକାରୀ ନିଶ୍ୱାସ ପ୍ରଶ୍ୱାସର ଉତ୍ସ। ଅଗ୍ନୀ ନ ହେଲେ ଚଳୁ ନାହିଁ ପୁଣି ଅଗ୍ନୀର ଧ୍ୱଂସଲୀଳାକୁ କିଏ ନଡରୁଛି। ଏହି ଅଗ୍ନୀ ଆଗ୍ନେୟାସ୍ତ୍ରରେ ମହାଯୋଦ୍ଧାର ପ୍ରାଣଘାତକ ହୋଇଯାଉଛି। ଅଗ୍ନୀ ସମ୍ବନ୍ଧ ରାଜ ହତିଆର ଡାକୁ ଚୋର ହତିଆରରେ ଲାଗିଛି। ଜଳ ବିହୁନେ ସୃଷ୍ଟିନାଶ ଜଳ ବହୁଳେ ସୃଷ୍ଟି ନାଶ। ଜଳ ପ୍ଳାବନ ନଦୀ ବନ୍ୟାକୁ କିଏ ନଡରୁଛି। ଏହି ଭୂତ ମାନଙ୍କୁ ନେଇ ମଣିଷ ଦିନେ ନିଜ ପରି ମଣିଷମାନଙ୍କୁ ଶେଷ କରିବ ତାର ସମ୍ପତି ଲୁଟିବ ତାର ଅଧିକାର ଜାହିର କରିବ ଏକଥା ହୁଏତ ବ୍ରହ୍ମାଙ୍କ କଳ୍ପନା ନଥିଲା। ଆକାଶରୁ ସବୁ ଉତ୍ପତ୍ତି ସବୁ ବିନାଶ ଏକ ନିୟମ ଅଛି। ଆକାଶ ପୁତ୍ରମାନେ ଏକଥା ଜାଣିଛନ୍ତି କି ସେ ଦେଶର ଜ୍ଞାନୀମାନେ ବହୁ ଅତୀତ କାଳରୁ ପଞ୍ଚମହାଭୂତର ବିକାଶ ଓ ବିନାଶ ତଥ୍ୟଦେଇ ପ୍ରଚୁର ଜ୍ଞାନ ଏକାଠି କରିଛନ୍ତି। ହେଲେ ଯେଉଁ ଆକାଶ, ଅନନ୍ତ, ଅସୀମ ତାର ପ୍ରଭାବ ଯେତେବେଳେ ସର୍ବତ୍ର ସେ ଭାବ ଛାଡ଼ି ମାଟି ବିସ୍ତାର ଚିନ୍ତନ।

*ସମ୍ପାଦକ 'ବରେଣ୍ୟ ବାଣୀ'*
*ଅରୁଣଦୋୟ ନଗର, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

# ଆଧ୍ୟାତ୍ମିକତା ଓ ଭାରତର ଯୋଗ ବିଜ୍ଞାନ

ଡାକ୍ତର ଅର୍ଚ୍ଚନା ମିଶ୍ର

'ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହି ଧିୟୋ ଯୋନଃ ପ୍ରଚୋଦୟାତ୍' - ବେଦରୁ ହିଁ ସର୍ବ ପ୍ରଥମେ ପ୍ରାଚୀନ ଯୋଗର ଉଦ୍ଭବ। ଆଉ ଯୋଗ ହେଉଛି ଆମର ପ୍ରାଚୀନ ଯୋଗୀ, ମୁନିଋଷି ମାନଙ୍କ ଦୀର୍ଘ ସାଧନାର ଫଳସ୍ୱରୂପ ଏକ ଦାନ। ସେମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ତଥା ଗଭୀର ଅନୁଶୀଳନ ଦ୍ୱାରା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଏହି ଶ୍ରେଷ୍ଠ ସମ୍ପତି ରଖିଯାଇଛନ୍ତି। ବେଦାନ୍ତ ତତ୍ତ୍ୱର ତିନୋଟି ଗ୍ରନ୍ଥ ଉପନିଷଦ, ବ୍ରହ୍ମସୂତ୍ର ଓ ଶ୍ରୀମଦଭାଗବତ ଗୀତାରେ ଏହି ଯୋଗତତ୍ତ୍ୱ ନିହିତ। ମହାଭାରତର ଯୁଦ୍ଧଭୂମି କୁରୁକ୍ଷେତ୍ରରେ ନିଜର ମିତ୍ର ଅର୍ଜ୍ଜୁନଙ୍କ ଭାବାନ୍ତରକୁ ଦୃଷ୍ଟିରେ ରଖି ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ଗୀତା ରୂପେ ମୁଖରିତ ହୋଇଥିଲା। ଆଜିର ସମୟରେ ଯୋଗ କେବଳ ମଣିଷ ସମାଜର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ ବିଭିନ୍ନ ସାମଗ୍ରୀକ ଚିନ୍ତନ ଓ ସମସ୍ୟାକୁ ସମାଧାନ କରିପାରୁଛି। ଏହା ସେମାନଙ୍କୁ ଶାନ୍ତି ଓ ଦିବ୍ୟାନନ୍ଦର ଅନୁଭୂତି ପ୍ରଦାନ କରିବା ସହ ମନର ସନ୍ତୁଳନ, ବ୍ୟକ୍ତିତ୍ୱର ବିକାଶ ଓ ଜୀବନକୁ ଦିବ୍ୟମୟ କରିବା ପାଇଁ ପଥ ପ୍ରଦର୍ଶନ କରୁଛି। ସଂପ୍ରତି ଭାରତୀୟ ଯୋଗବିଜ୍ଞାନ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ସହ ପ୍ରାୟ ପୃଥିବୀର ଅଳ୍ପ ବହୁତ ଅଧିକାଂଶ ରାଷ୍ଟ୍ରରେ ଏ କ୍ଷେତ୍ର ଉପରେ ବିଜ୍ଞାନୀଗଣ ଗବେଷଣା ଓ ପରୀକ୍ଷଣ ଜାରି ରଖିବା ସହ ଯୋଗ ପ୍ରତି ଦିନକୁ ଦିନ ଉତ୍କଣ୍ଠା ଓ ଆଗ୍ରହ ବଢ଼ିବାରେ ଲାଗିଛି। ଭାରତ ହେଉଛି ଯୋଗର ଉଦ୍‌ଗମ ଓ ପ୍ରୟୋଗର କ୍ଷେତ୍ର। ଯୋଗ, ଧ୍ୟାନ, ପ୍ରାଣାୟମ, ଆସନ, ବନ୍ଧମୁଦ୍ରା, ସମାଧି ପରି ବିଭିନ୍ନ କ୍ଷେତ୍ର ଉପରେ ଯୋଗ ବିଜ୍ଞାନର ଗବେଷଣା ବି ଚାଲିଛି। ଯୋଗର ପରମ ଲକ୍ଷ୍ୟ ହେଉଛି ଜୀବାତ୍ମାର ପରମାତ୍ମାଙ୍କ ସହିତ ଯୋଗ ବା ମିଳନ। ଯୋଗ ଦ୍ୱାରା ମନୁଷ୍ୟ ଜନ୍ମ-ମୃତ୍ୟୁ ରୂପକ ସଂସାରଚକ୍ରରୁ ମୁକ୍ତି ପାଏ। ଏବଂ ଅମରତ୍ୱ ଲାଭ କରିଥାଏ। ଗୀତାରେ ଉଲ୍ଲେଖ ରହିଛି - 'ତସ୍ମାତଯୋଗୀ ଭବାର୍ଜ୍ଜୁନ' ଆତ୍ମା ପରମାତ୍ମା ସଂଯୋଗର ସୂକ୍ଷ୍ମ ବିଜ୍ଞାନ ହେଉଛି ଏହି ପ୍ରକାର ଯୋଗ। ଭାରତୀୟ ଯୋଗ ପଦ୍ଧତି ସବୁ ହେଉଛି ଆଧ୍ୟାତ୍ମିକ ସାଧନ କ୍ଷେତ୍ରରେ ଉପରକୁ ଉଠିବା ଲାଗି ଏକ ଏକ ପାହାଚ। ଉପନିଷଦ ଏହି ଯୋଗ ଦର୍ଶନକୁ କହେ ବ୍ରହ୍ମବିଦ୍ୟା। ପରମଯୋଗୀ ସ୍ୱାମୀ ଶିବାନନ୍ଦଜୀ ଲେଖିଛନ୍ତି - 'ପ୍ରଜ୍ଞାନମ୍ ବ୍ରହ୍ମ', 'ଅହଂ ବ୍ରହ୍ମ ଅସ୍ମି', 'ତତ୍ ତ୍ୱଂ ଅସି' ଏବଂ 'ଅୟଂ ଆତ୍ମା ବ୍ରହ୍ମ' ଏଇ ଚାରୋଟି ମହାକାବ୍ୟ ଆଜି ମୋର ହୃଦୟକୁ ଶକ୍ତି ଏବଂ ଆନନ୍ଦରେ ପରିପୂର୍ଣ୍ଣ କରିଦେଇଛି।



ଯୋଗକୁ କୌଣସି ନୀତି ରୂପେ ନୁହେଁ ବରଂ ମାନବ ଜୀବନର ମୂଳଭୂତ ଆଧାରଶିଳା ଭାବେ ଗ୍ରହଣ କରିବା ଉଚିତ। ଧର୍ମ ପାଳନ ଏବଂ ସାଧନା ହେଉଛି ଯୋଗର ଦୁଇଟି ବାହୁ। ଏହିପରି ଯୋଗ ହେଉଛି ଏକ ସାମଗ୍ରୀକ ଜୀବନ ପଦ୍ଧତି। ଯୋଗ ସାଧନାର ମୂଳ ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିତ୍ୱର ଜୀବନରେ ସରସତା ଆନନ୍ଦ ଆଣିବା ସହ ସନ୍ତୁଳନ ସାଧନା କରିବା। ଆମର ଭାରତୀୟ ମହର୍ଷୀଗଣ ଆଧ୍ୟାତ୍ମିକ ଜୀବନର ପ୍ରତିଟି ମୁହୂର୍ତ୍ତକୁ ତତ୍ତ୍ୱ ଦର୍ଶନର ଅନୁସନ୍ଧାନ ତଥା ନିଜର କଠୋର ତପସ୍ୟା ଓ ସାଧନାତ୍ମକ ପ୍ରୟୋଗର ନିଷ୍କର୍ଷରେ ପହଞ୍ଚି ମାର୍ଗଦର୍ଶନ କରିଛନ୍ତି ଯେ ପରମାତ୍ମା ହେଉଛନ୍ତି ଅସୀମ ଅନନ୍ତ ସମଷ୍ଟି ସତ୍ତା। ଆଉ ମହାନ ହେବାକୁ ହେଲେ ବ୍ୟକ୍ତିସତ୍ତାକୁ ସମଷ୍ଟି ସତ୍ତା ସହିତ ସଂଯୋଗ କରିବାର ଆବଶ୍ୟକତା ରହିଛି। ବିଶ୍ୱରେ ସତ୍-ଚିତ୍-ଆନନ୍ଦମୟ ଚେତନାର ଯେଉଁ ଦିବ୍ୟାନୁଭୂତି ମିଳିଛି ସେସବୁ ହେଉଛି ଯୋଗ ପଦ୍ଧତିର ବିଭିନ୍ନ ଅଙ୍ଗ। ଭାରତୀୟ ବେଦ, ଉପନିଷଦ, ପୁରାଣ ହେଉ ମହାଭାରତ ବା ଭାଗବତ ଯୋଗବାଶିଷ୍ଠ ହେଉ ବା ଯାଜ୍ଞବଲ୍‌କ୍ୟସ୍ମୃତି ସବୁ ଗ୍ରନ୍ଥରେ ଅନନ୍ତ ଯୋଗସୂତ୍ରର ଉଲ୍ଲେଖ ଦେଖିବାକୁ ମିଳେ। ମହାତ୍ମା ବୁଦ୍ଧଦେବ ଯୋଗଶାସ୍ତ୍ର ନିର୍ଦ୍ଦେଶିତ ଆସନ, ପ୍ରାଣାୟମ, ଧ୍ୟାନ, ମୁଦ୍ରା ଅଭ୍ୟାସ କରି ସମାଧି ସାଧନା କରିଥିଲେ। ଋଗ୍‌ବେଦ, ଅଥର୍ବବେଦରେ ଯୋଗଭ୍ୟାସକୁ ନେଇ ଅନେକ ମନ୍ତ୍ର ସ୍ଥାନିତ ହୋଇଛି। ଜୈନ ଧର୍ମରେ ଭଗବାନ ମହାବୀର ଜୈନ ସ୍ୱୟଂ ସିଦ୍ଧଯୋଗୀ ଥିଲେ। ତାଙ୍କ ପଥ ପ୍ରଦର୍ଶିତ ପଞ୍ଚଜମ ହିଁ ଯୋଗର ମୁଖ୍ୟ ଉପାୟ। ସେହିପରି ପାତଞ୍ଜଳୀ ଯୋଗରେ ବର୍ଣ୍ଣିତ ଅହିଂସା ସହିତ ଜୈନ ସମତ ଅହିଂସା ମହାବ୍ରତର ସ୍ୱରୂପ ଅନେକ କ୍ଷେତ୍ରରେ ସମାନ। ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ। ଯାହାକି ଏକ ଆଧ୍ୟାତ୍ମିକ ବିଜ୍ଞାନ। ଯୋଗର ଲକ୍ଷ୍ୟ ହେଉଛି ମନୁଷ୍ୟକୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାକୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା। ସଂପ୍ରତି ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ପ୍ରତିଟି କୋଣ ଅନୁକୋଣରେ ପହଞ୍ଚିଛି। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି - ଯୁକ୍ତାହାର ବିହରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ଯୁକ୍ତସ୍ୱପ୍ନାକ୍ତ ବୋଧସ୍ୟ ଯୋଗୋଭବତି ଦୁଃଖହା।' ଅର୍ଥାତ୍ ଉଚିତ ଆହାର, ଉଚିତ ବିହାର, କର୍ମରେ ଉଚିତ ଚେଷ୍ଟା, ଠିକ୍ ସମୟରେ ଶୋଇବା, ଠିକ୍ ସମୟରେ ଉଠିବାରେ ଅଭ୍ୟସ୍ତ ଯୋଗୀର ସମସ୍ତ ଦୁଃଖ ନଷ୍ଟ ହୋଇଯାଏ। ସଂସ୍କୃତରେ ଯୁଜ୍ ଧାତୁରୁ ଯୋଗ ଶବ୍ଦଟି ନିଷ୍ପନ୍ନ ହୋଇଛି। ମୋଟାମୋଟି ଭାବରେ ଯୋଗର ଅର୍ଥ ଜୀବାତ୍ମାଙ୍କ ସହ ପରମାତ୍ମାଙ୍କ ମିଳନ। ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ। ଯୋଗ ସାଧନା ଏକ ବିଂଶ ଶତାବ୍ଦୀରେ ପ୍ରତ୍ୟେକ ମାନବର ଅନିର୍ବାର୍ଯ୍ୟ କର୍ତ୍ତବ୍ୟ ରୂପେ ପରିଣତ ହୋଇଛି। ଏହି ସାଧନା ଦ୍ୱାରା ଜଣେ ନିଜକୁ ଠିକ୍ ଭାବରେ ଜାଣିବା ସହ ନିଜକୁ ଅନୁଶାସନରେ ରଖିବା ପାଇଁ ସମର୍ଥ ହୋଇପାରିବ। ମଣିଷର ଉଜୁଡି ଯାଇଥିବା ମୁହୂର୍ତ୍ତ ପୁଣିଥରେ ଗଢ଼ାଯାଇ ପାରିବ। ଯୋଗ ସାଧନାର ତତ୍ତ୍ୱ ଦର୍ଶନ ସହିତ ପରିଚିତ ହୋଇ ମଣିଷ ନିଜକୁ ଜାଣିପାରେ। ହଜିଯାଇଥିବା ଶାନ୍ତିକୁ ପୁନର୍ବାର ଫେରି ପାଇପାରେ। ଏହାର ନିୟମିତ ଅଭ୍ୟାସ ଦ୍ୱାରା ଆମ୍ଭେମାନେ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ପ୍ରତିଭା, ବିଦ୍ୟା, ଆନନ୍ଦ ଓ ସର୍ବୋପରି ଶାନ୍ତି ଭଳି ବରଦାନ ପ୍ରାପ୍ତ ହୋଇପାରିବା। ତେଣୁ ଆଜି ଆନ୍ତର୍ଜାତିକ ଯୋଗ ଦିବସରେ ଉଜ୍ଜଳ ଭବିଷ୍ୟତର ଆଧ୍ୟାତ୍ମିକ ସମ୍ଭାବନାକୁ ସାକାର କରିବାଲାଗି ଯୋଗ ସାଧନାର ତତ୍ତ୍ୱ ଦର୍ଶନକୁ ହୃଦୟଙ୍ଗମ କରିବା ଏବଂ ଏହାକୁ ଜୀବନର ଦିବ୍ୟମୟ ପଥପାଇଁ ପ୍ରଶସ୍ତର କ୍ଷେତ୍ର ଭାବେ ଗ୍ରହଣ କରିବା।

*ସହକାରୀ ପ୍ରଫେସର, ଶରୀରତତ୍ତ୍ୱ ବିଭାଗ*
*ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୮୨୪୯୭୯୯୯୦୬*




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଲୀ ଦାଶ

**ଶୌଚମ୍ :-**

*ରାଜକୁମାରଙ୍କ ଦୃଷ୍ଟି ମାଳିର ସୁନ୍ଦରୀ କନ୍ୟା ଉପରେ ପଡିଥିଲା। ସେ ମାଳି ପାଖକୁ ଯାଇ ବିବାହ ପ୍ରସ୍ତାବ ଦେଲେ। ମାଳି କହିଥିଲା ଝିଅର ଅନୁମତି ଦରକାର। କନ୍ୟା ବହୁତ ବୁଦ୍ଧିମତୀ ଥିଲା। ସେ ପିତାକୁ ମୁକ ସହମତି ଦେଇଥିଲା ଓ କହୁଥିଲା ଏକମାସ ପରେ ପୂର୍ଣ୍ଣିମା ଦିନ ରାଜକୁମାରଙ୍କୁ କୁହ ବରଯାତ୍ରୀ ନେଇ ଆସିବେ। ରାଜକୁମାର କଥାରେ ରାଜି ହୋଇ ଚାଲିଯାଇଥିଲେ। ଝିଅଟି ସେହି ଦିନଠାରୁ ଏଭଳି ଔଷଧ ଖାଇବାକୁ ଲାଗିଲା ଯେ ଦିନରେ ଦଶ ବାରଥର ଝାଡା ଯିବାକୁ ଲାଗିଲା। ସେହି ମଳ ସବୁକୁ ସେ ଗୋଟିଏ ଗୋଟିଏ ଘଡିରେ ଭରି ଚାଲିଲା। ସେ ଘଡି ଗୁଡାକୁ ସୁନ୍ଦର ରେଶମୀ କପଡାରେ ବାନ୍ଧି ରଖି ସେ ସବୁକୁ ଘରର ଗୋଟିଏ କୋଣରେ ରଖି ଚାଲିଲା। ଧୀରେ ଧୀରେ ଝିଅଟି ଝଡି ଏକଦମ ପତଳା ହୋଇଗଲା। ଅସ୍ଥି ଆଉ ଚମଡା କେବଳ ଦେଖା ଯାଉଥିଲା। ଆଖି ଦୁଇଟି କୋରଡକୁ ପଶିଗଲା। ବିଛଣାରେ କଙ୍କାଳ ପଡିଥିବା ପରି ଦେଖାଗଲା। ଠିକ୍ ଏକମାସ ପରେ ରାଜକୁମାର ସେଠାରେ ପହଞ୍ଚି ମାଳିକୁ କହିଲେ ବିବାହ କର। ମାଳି କଙ୍କାଳ ପରି ବିଛଣାରେ ପଡିଥିବା ଝିଅ ଆଡକୁ ଆଙ୍ଗୁଠିରେ ଇସାରା କରି ଦେଖାଇଦେଲା କନ୍ୟା ସେଠାରେ ଦେଖିବେ ଯାଆନ୍ତୁ। ରାଜକୁମାର ଶୋଇ ରହିଥିବା ଝିଅକୁ ଦେଖି ରାଗିଯାଇ କହିଲେ ତୁ ମୋତେ ଧୋକା ଦେଉଛୁ। ମୁଁ ଯାହାର ସୌନ୍ଦର୍ଯ୍ୟ ଦେଖି ବିବାହ କରିବାକୁ ଆସିଛି ସେ କନ୍ୟା କେଉଁଠି ? ମାଳିର କନ୍ୟା ଯେଉଁ ଘଡି ଗୁଡିକରେ ବିଷ୍ଠା ଭରି ରଖୁଥିଲା ସେହି ଘଡି ଆଡକୁ ଇଙ୍ଗିତ କରି କହିଲା ସୌନ୍ଦର୍ଯ୍ୟକୁ ଖୋଜୁଛନ୍ତି ଯଦି ସେ ସବୁ ସେହି ଘଡି ଭିତରେ ଭରି ରହିଛି। ସେ ସବୁକୁ ବିବାହ କରି ନିଅନ୍ତୁ। ମୋତେ ଯଦି ଖୋଜୁଛନ୍ତି ତେବେ ଚାଲନ୍ତୁ ହସ୍ତ ମେଳାପ କରିବେ।*

*ତେବେ ବାହ୍ୟ ସୌନ୍ଦର୍ଯ୍ୟ ଚମଡାର ଆବରଣ ମାତ୍ର। ସତ୍ୟ ତ ଚମଡା ତଳେ ଥିବା ରକ୍ତ, ମାଂସ, ମଜ୍ଜା, ମଳ, ମୂତ୍ର, ଅସ୍ଥି ଓ ମେରୁଦଣ୍ଡ ଇତ୍ୟାଦି। ଯଦି ଆମେମାନେ ବାରମ୍ବାର ଦେହର ଏହି ସତ୍ୟତାକୁ ଚିନ୍ତନ କରିବା ତା ହେଲେ ଦେହ ପ୍ରତି ଆସକ୍ତି କମ ହେବ। ଦେହକୁ ଉପେକ୍ଷା କିମ୍ବା ଧିକାର କରିବା ମଧ୍ୟ ଉଚିତ ନୁହେଁ। କାରଣ ଲକ୍ଷ୍ୟ ପ୍ରାପ୍ତ କରିବାର ଏହା ଏକ ସାଧନ ଅଟେ। ମାତ୍ର ସାଧ୍ୟ ଓ ସାଧନ ମଧ୍ୟରେ ଯେଉଁ ମିଥ୍ୟା ଆବରଣ-ଶୁଚିତା ରହିଛି ବା ଅବରୋଧ ରହିଛି ତାହାକୁ ହଟାଇବା ଉଚିତ। ସନ୍ଥ, ଶାସ୍ତ୍ର ଅଧ୍ୟୟନ, ସତ୍‌ସଙ୍ଗ, ସାଧ୍ୟାୟ ଦ୍ୱାରା କ୍ରମଶଃ ଅର୍ନ୍ତଚକ୍ଷୁ ଖୋଲିବାକୁ ଚେଷ୍ଟା କରିବା ଆବଶ୍ୟକ।*

*ଉତ୍କ୍ରାମନ୍ତଃ ସ୍ଥିତଂବାପି ଭୁଜାନମ୍ ବା ଗୁଣାନ୍ୱିତମ।*

*ବିମୁଢ଼ା ନାନୁ ପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନ ଚକ୍ଷୁଷଃ।।*

*ଅଜ୍ଞାନି ଲୋକ ଜାଣନ୍ତି ନାହିଁ ଯେ, କିଏ ଶରୀରରେ ରହିଛି ? ଏହା ମଧ୍ୟ ଜାଣନ୍ତି ନାହିଁ, କିଏ ବିଷୟସବୁ ଭୋଗ କରୁଛି ଓ କିଏ ଶରୀର ଛାଡି ଯାଉଛି ? କେବଳ ଯାହାଙ୍କର ଜ୍ଞାନରୂପୀ ନେତ୍ର ରହିଛି ସେ ହିଁ ତତ୍ତ୍ୱ ଚିନ୍ତନ ଦ୍ୱାରା ଏ ସବୁ ଜାଣିପାରିଥାନ୍ତି।*

(କ୍ରମଶଃ)




ଦିନ ଦଶଟା ବେଳକୁ ଗାଁର ବାତାବରଣ ଆହୁରି ନିରବ, ନିଶ୍ଚଳ ହୋଇଗଲା। ଆଖପାଖ ଗାଁର ଶହଶହ ଲୋକ ଆସି ଜମିଥିଲେ ମଧ୍ୟ କାହାରି ମୁହଁରେ ଭାଷା ନଥିଲା। ଗୋଟେ ଭୀତପ୍ରଦ ଥମ୍ ଥମ୍ ବାଦଲ ଛାଇଯାଇଥିଲା ଚାରିଆଡେ।

ମଟରସାଇକେଲ୍‌ରେ ଦୁଇଜଣ ପୋଲିସ ଆସି ପହଞ୍ଚିଗଲେ ଠିକ୍ ବାରଟା ବେଳେ। ଶବ ପୋଷ୍ଟମର୍ଟମ କରିବାକୁ ଅଡି ବସିଥିବା ଇନସ୍‌ପେକ୍ଟରଙ୍କୁ ତୋଷଣ କରିବାକୁ ପଡିଲା ଚାରୋଟି ପଇଡ ଏବଂ କିଛି ଟଙ୍କା ଦେଇ। ଏସବୁ କରିଥିଲେ ନଟଦାସ। ଗାଁର ମୁଖିଆ। ଏସବୁ କରି ସେ ଦେଖାଇ ଦେବାକୁ ଚାହୁଁଥିଲେ ଯେ ଅନ୍ୟର ସୁବିଧା ଅସୁବିଧାରେ ଥୟ ଧରି ବସିବା ଭଳି ଲୋକ ସେ ନୁହଁନ୍ତି। ଗାଁ ପାଇଁ ନିଜ ପ୍ରାଣଟିକୁ ସେ ବାଜି ଲଗାଇ ଦେଇପାରନ୍ତି।

ବୋଉ ବସିଥିଲା ଆଗଭଳି। ସୁରେନ୍ଦ୍ର ଆଖି ମିଟ୍‌ମିଟ୍ କରି ଦେଖୁଥିଲା, କିଛି ଗୋଟିଏ ଘଟଣା ଘଟି ଯାଉଛି। ଥିଲା ଥିଲା ଏକମୁହଁ ହୋଇ ଦୌଡିଲା ପୋଖରୀ ଆଡ଼େ। ଶବ ସଂସ୍କାର କରିବାକୁ କହି ପୋଲିସ ଦୁଇଜଣ ଗାଡିରେ ଷ୍ଟାର୍ଟ ମାରିଲେ। ଗାଁର ମିଳିତ ଉଦ୍ୟମରେ ଶବ ସଂସ୍କାର, ଦଶ ଶୁଦ୍ଧିକାର୍ଯ୍ୟ ସରିଗଲା ସିନା, ବୋଉ କିନ୍ତୁ ଜାଣିପାରିଲାନି ତା'ର ସର୍ବନାଶ କରିପକାଇଥିବା ସେଇ ମଣିଷଟିଏ କିଏ?

ଗାଁର ଶେଷ ମୁଣ୍ଡରେ ଅବସ୍ଥିତ ନିଃସଙ୍ଗ ଉଇହୁଙ୍କା ପରି ଚୁପ୍‌ଚାପ୍ ଠିଆ ହୋଇଥିବା ସନାତନ ଓରଫ୍ ସନିଆର ଘର ଆଡକୁ ଏବେ ଯିବା ତ ଦୂରର କଥା, ସେଆଡେ କେହି ଚାହିଁ ବି ପାରନ୍ତି ନାହିଁ। ଭୟଙ୍କର ନିରବତା ଗ୍ରାସ କରିଥିବା ସେ ଘରଟା ଭାରି ମାଡି ପଡେ। ନୁଆଁଣିଆ ଚାଳ ଝୁମ୍ପୁଡିଟିଏ। ତା' ଭିତରେ ଚମ ଧୁଡୁଧୁଡୁ ବା'ଷଠୀ ବର୍ଷର ବୁଢ଼ୀଟିଏ ଥୋଡ଼େ ହୃଦୟମନ୍ଥା ଦୁଃଖ ଓ ଶୂନ୍ୟତାକୁ ଜାବୁଡି ଧରି ବସିଥାଏ। ବିଡ୍‌ବିଡ୍ ହୋଇ କ'ଣ ସବୁ କହିପକାଉଥାଏ। ରାତି ହେଲେ ଶୁଭେ ଗୋଟେ ମର୍ମଥରା କାନ୍ଦଣା। ଅତ୍ୟାଚାର କରାଯାଉଥିବା ପ୍ରାଣୀର ବିକଳ ଚିତ୍କାର ପରି ସେ କାନ୍ଦଣାରେ ଭରି ରହିଥାଏ ସାରା ଜଗତ ତା ଉପରେ କରିଥିବା ଅନ୍ୟାୟ, ଅବିଚାରର ପ୍ରତିବାଦ। ସେ କାନ୍ଦଣା ଏତେ ରକ୍ତାକ୍ତ ଯେ, ସାବାଡ୍ କରି ପକାଏ ପୃଥିବୀକୁ। ପୃଥିବୀର ଯାବତୀୟ ହାନିଲାଭ ବୁଝୁଥିବା ବିଧାତାକୁ।

ସବୁ ଶୂନ୍ୟ, ନିର୍ଜନ, ଅଚଞ୍ଚଳ। ପୃଥିବୀର ସମସ୍ତ କାର୍ଯ୍ୟକ୍ରମ ବାତିଲ୍ ହୋଇଯାଉଥାଏ। ସେ ଘର ଭିତରେ ଆତଯାତ ହେଉଥାନ୍ତି ଯୋଡ଼େ ମଣିଷ। ଥୁରୁ ଥୁରୁ ବୁଢ଼ୀଟିଏ। ତିରିଶ୍ ବର୍ଷର ପାଗଳ ପୁଅଟିଏ।

ମୁଣ୍ଡ ଉପରେ ସୀମାହୀନ ଆକାଶ ପରି ମଣିଷର ଭାଗ୍ୟ। ଏଇ ପରିଷ୍କାର ଅଛି। କୁନି କୁନି ତାରାଙ୍କ ଗହଣରେ ଟହଟହ ଜହ୍ନ ହସୁଚି, ପୃଥିବୀ ଗାଧୋଇ ପଡୁଚି ତା'ର ସ୍ନିଗ୍ଧ, କୋମଳ କିରଣରେ, ପରକ୍ଷଣରେ ସବୁ ଓଲଟପାଲଟ। କାହୁଁ ମାଡିଆସେ କଳାହାଣ୍ଡିଆ ମେଘ। ତା' ସହିତ ପବନ ଓ ବିଜୁଳି ଘଡଘଡି। ଆଖି ପିଛୁଳାକେ ଜହ୍ନ ଆଲୁଅର ଫିକ୍ ଫିକ୍ ହସ ରୂପାନ୍ତରିତ ହୋଇଯାଏ ଥପଥପ୍ ଲୁହରେ। ସମୟର ଅନନ୍ତ ପାକସ୍ଥଳୀ ଭିତରେ ହଜମ ହୋଇଯାଏ ମଣିଷର ସବୁ ଗାରିମା, ସବୁ ଅହଙ୍କାର। ଗୋଟେ ଅଫୁରନ୍ତ ସ୍ରୋତ ଭଳି ଗଡି ଚାଲିଥିବା ଜୀବନ ସାମ୍ନାରେ ତିଆରି ହୋଇଯାଏ ଅପ୍ରତିହତ ବିଶାଳ ବନ୍ଧ। ସେ ବନ୍ଧକୁ ଅତିକ୍ରମ କରିବାକୁ ମଣିଷର ସୀମିତ ଶକ୍ତି ଯଥେଷ୍ଟ ହୁଏନା। ଝଣ୍‌ଝଣ୍ କରି ଭାଙ୍ଗିପଡେ ବିଶାଳ ଇମାରତ୍। ଭାଙ୍ଗି ପଡନ୍ତି ତା ଭିତରର ମଣିଷ।

ଭୁବନମୋହନ ପଟ୍ଟନାୟକଙ୍କ ତ୍ରିତଳ ଅଟ୍ଟାଳିକା ଚାରି ପାଖରେ ସେଦିନ ପ୍ରବଳ ଜନଗହଳି। ଏତେ ବିଶାଳ ଲୋକ ଜଣକ ଘର ଭିତରେ କିଛି ଗୋଟାଏ ଅପ୍ରୀତିକର ଘଟଣା ଘଟୁଚି ବୋଲି ଖବର ପ୍ରଚାରିତ ହୋଇଯିବା ମାତ୍ରେ କାମଧନ୍ଦା ଛାଡି ଲୋକମାନେ ଧାଇଁ ଆସିଛନ୍ତି ଘଟଣାଟି ସମ୍ପର୍କରେ ନିଜ ଆଖିରେ ଦେଖିବାକୁ। କୋଠାର ଚାରିପାଖରେ ପୋଲିସ। ଲୋକମାନଙ୍କୁ ନିରାପଦ ଦୂରତାରେ ଠିଆ କରାଇବା ପାଇଁ ପୋଲିସ କର୍ଡ଼।

ସହରର ସମ୍ଭ୍ରାନ୍ତ ଧନଶାଳୀ ବ୍ୟକ୍ତି ଭୁବନମୋହନଙ୍କର ଥିଲା ଆଠ ଖଣ୍ଡ ଡିଲକ୍ସ ବସ୍। ସହରର ମୁଖ୍ୟ ଛକରେ ଗୋଟିଏ ଅତ୍ୟାଧୁନିକ ସିନେମା ହଲ୍। ତେବେ ତାଙ୍କର ସବୁଠୁ ଉତ୍ତର ଆୟର ପନ୍ଥା ଥିଲା ଜମି କିଣାବିକା। 'ବିଶାଳ ରିୟଲ ଇଷ୍ଟେଟ୍' ନାମକ ସଂସ୍ଥାର ସେ ଥିଲେ ଏମ୍.ଡି। ଗୋଟିଏ ସ୍ଥାନରେ ଏକର ଏକର ଜମି କିଣି, ତାକୁ ଡେଭ୍‌ଲପିଂ, ପ୍ଲଟିଂ କରି କିଣା ମୂଲ୍ୟର ପାଞ୍ଚଗୁଣା ଚଢ଼ା ମୂଲ୍ୟରେ ବିକିବା ଅବସରରେ ଆୟ ହେଉଥିଲା ପ୍ରଚୁର ଟଙ୍କା। ଦିନକୁ ଦିନ ତାଙ୍କ ବ୍ୟବସାୟ ହୁ ହୁ ହୋଇ ବଢୁଥିଲା। ବେଲୁନ୍‌ରେ ପବନ ପଶିବା ପରି।

ତେବେ ଲୋକମାନଙ୍କର ଶ୍ରଦ୍ଧାର ପାତ୍ର ସେ ନଥିଲେ। ସାଧାରଣତଃ ଧନୀ ଲୋକମାନଙ୍କ ପ୍ରତି ସାଧାରଣ ଲୋକଙ୍କ ମନରେ ନିଭୃତ ଭାବରେ ଲୁଚି ରହିଥାଏ ଘୃଣାର ଭାବଟେ। ଭୁବନମୋହନବାବୁ କେବେ ଚିନ୍ତା କରିନାହାନ୍ତି ଅନ୍ୟକଥା। ତାଙ୍କ ବ୍ୟବସାୟ ଭଲ ତ ସେ ଭଲ। ନିଜେ ଊର୍ଦ୍ଧ୍ୱକୁ ଉଠିବା ପାଇଁ ଯେତେ ଲୋକଙ୍କ ଉପରେ ଚଢ଼ିବାକୁ ପଡେ, ସେ କଥା ସେ ଭ୍ରୂକ୍ଷେପ କରନ୍ତି ନାହିଁ। ନିଜର ସାମାନ୍ୟ ସ୍ୱାର୍ଥ ପାଇଁ ସାମୂହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେବାର ମାନସିକତା ତାଙ୍କଠାରେ ପ୍ରବଳ।

ହେଲେ ଲୋକମାନେ ତାଙ୍କୁ ଘୃଣା କରିବା ପଛରେ ଥିଲା ତାଙ୍କ ପୁତ୍ର ରଣଜିତ୍। ଆତଙ୍କ, ଗୁଣ୍ଡାରାଜ୍‌ର ଅନ୍ୟତମ। ଖ୍ରୀଷ୍ଟ କଲେଜରୁ ବି.ଏ. ପାସ୍ କଲା ପରୀକ୍ଷା ଟେବୁଲ୍ ଉପରେ ଛୁରୀ ପୋତି। ଇଂରାଜୀ ଶ୍ରେଣୀରେ ବବିତା ନାମଧାରୀ ସରଳା ଝିଅଟିକୁ ଖୋଲାଖୋଲି ଚୁମ୍ବନ କଲା। ବବିତା ଏକଥା ଲିଖିତ ଆକାରରେ ଜଣାଇଲା କଲେଜ ଅଧ୍ୟକ୍ଷଙ୍କୁ। ଅଧ୍ୟକ୍ଷ ତାକୁ କଲେଜରୁ ରଷ୍ଟିକେଟ୍ କରିବା ପୂର୍ବରୁ ଚଣ୍ଡିଛକରେ ଥିବା ତାଙ୍କ କ୍ୱାର୍ଟରରେ ରଣଜିତ୍ ପଶିଲା ଆଠଦଶଜଣ ସଶସ୍ତ୍ର ଯୁବକଙ୍କ ସହିତ। ପାଟି ଫିଟାଇଲେ ତୁମ ଝିଅକୁ ତୁମ ଆଖି ସାମ୍ନାରେ ରେପ୍ କରାଯିବ ବୋଲି ଧମକ ଦେଲା। ଏପରି ଭୟଙ୍କର ଧମକ ଚୁପ୍ କରିଦେଲା ଭାରି ଷ୍ଟ୍ରିକ୍ଟ ବୋଲି ଖ୍ୟାତିଥିବା ଅଧ୍ୟକ୍ଷଙ୍କର। କାହାକୁ ବାଡେଇବା, କେଉଁ ଝିଅ ବେଣୀ ଟାଣିବା, ଆଖି ମାରିବା ଏଗୁଡାଥିଲା ମାମୁଲି ତା' ପାଇଁ। ବୁଲେଟ୍ ମଟର ସାଇକେଲ ଧରି କଲେଜ୍ ଆସେ ପଟୁଆର କରି।

ମମତା ଥିଲା ଭୁବନମୋହନଙ୍କର ସାନଝିଅ। ପାଞ୍ଚବର୍ଷ ସାନ୍ ରଣଜିତ୍‌ଠାରୁ। ପାଠ ପରେ ଚାକିରିର ଆବଶ୍ୟକ ନଥିଲା ରଣଜିତ୍ ପାଇଁ। ସିନେମା ହଲ୍‌ର ଦାୟିତ୍ୱ ତା' ଉପରେ ଛାଡ଼ିଦେଇ ଭୁବନମୋହନ କହିଥିଲେ - ଲାଭ ଟଙ୍କା ମୋର ଦରକାର ନାଇଁ, ନିଜର ଖର୍ଚ୍ଚ ଉଠା ସେଥିରୁ।

ରଣଜିତ୍‌ର ଗୋଟେ ଗ୍ୟାଙ୍ଗ ଥିଲା। ବଛାବଛା ତିରିଶ୍ ପଇଁତିରିଶ୍ ଜଣ ଯୁବକଥିଲେ ସେ ଗ୍ୟାଙ୍ଗର ସଦସ୍ୟ। ଯାହାକୁ କହନ୍ତି କଟର୍ ଗୋଷ୍ଠୀ। ପୋଲିସ ଡରୁଥିଲା ତା' ଗୋଷ୍ଠୀକୁ। ଏକପ୍ରକାର ଆତଙ୍କର ଜଡସଡ କରି ରଖିଥିଲା ସେ ସାରା ସହରକୁ।

(କ୍ରମଶଃ)



# ବିଭିନ୍ନ କବିତା

## ମା' ଆସିଥିଲେ



ବିଷ୍ଣୁ ପ୍ରସାଦ ପଟ୍ଟନାୟକ



ଅଶିଣ ଆକାଶର ନିର୍ମଳତା
ତୁମ ପାଦ ଧୋଇଦେଲା ମା'
ତୁମ ଆଗମନ ଭରିଦେଲା
ସବୁରି ପ୍ରାଣରେ ଅଫୁରନ୍ତ ହସ।
କାଶତଣ୍ଡି ହସୁଥିଲା ନଈକୂଳେ
ପାର୍ବଣର ସାହାନାଇ ବାଜୁଥିଲା
ଗାଁ ଓ ସହରେ, ସବୁଠି ମା'।

ତୁମେ ଅଭୟା, ତୁମେ ଦୁର୍ଗା
ମା'ଗୋ ତୁମେ ଜଗତଜନନୀ
ତୁମ ଆବାହନରେ ଚିରକାଳ
ଧରିତ୍ରୀ ବୁକୁରେ ଶାନ୍ତି ବିରାଜୁ
ଦୁଷ୍ଟ ଦମନ ହେଉ, ଫୁଟୁ ହସ।

୩୦୧, କନକଲକ୍ଷ୍ମୀ ଆପାର୍ଟମେଣ୍ଟ
ଜିଜିପି ଛକ, ଭୁବନେଶ୍ୱର
ଦୂରଭାଷ : ୯୭୭୬୨୩୮୨୨୮

## ଏଇ ଲଗ୍ନେ ଇଚ୍ଛା



ଶୁଭସ୍ମିତା ତ୍ରିପାଠୀ

(୧)

ଆସ,
ଏ ରାତିର ଝିଲ୍ ମିଲ୍ ତାରାଙ୍କ
ଉପରେ ପାଦ ଥାପି
ମୌସୁମୀର ଓଢ଼ଣୀ ମୋ
ପାରିନାହିଁ ଛୁଇଁ
ଅନନ୍ତ ଘନୀଭୂତ କେଉଁ
ନୀଳିମା ମେଘର
ଛୁଇଁବାକୁ ଚନ୍ଦନ ଲେପିତ
ତନୁ, କୁଂକୁମର ମୁଖ
ମେଘ ଚିତ୍ରଫୁଲେ ଥିବ ଯେତେ
ବ୍ୟାକୁଳତା
ସଂଗୋପିତ ମନତଳ ଅଲେଖା
କବିତା
ଓଦା ଓଦା ହେବ; ଥରେ ତମେ
ନୀଳକଇଁ
ଆଖିମେଲି ଚାହିଁଦେବା ପରେ
ଅଜସ୍ର ମୟୂରୀ ହେବେ ଗ୍ରୀବା
ଟେକି ମଗ୍ନ
ଉନ୍ମୋଚିତ ପକ୍ଷ୍ମେ ଯେତେ
ସ୍ୱପ୍ନର ତରଙ୍ଗ
ଶବ୍ଦ ନାହିଁ ଏବେ,
ଅଛି ମାତ୍ର ଆଲୋଡିତ
ଅନ୍ତରଙ୍ଗ ଅପଲକ ଆଖି ...



(୨)

ଆସ
ଯମୁନାର ଅଥଳ ଏ
ଜଳରାଶିପରେ
ଅଥଳ ତରଙ୍ଗ ଆଉ ଜୋଛନା
ଜହ୍ନର
ଏ ଅନ୍ଧାରେ ଆଦ୍ରତାର
କଣ୍ଠସ୍ୱରେ ତୁମ
କଦମ୍ବେ ଭରିବ ବାସ୍ନା,
କିଶଳୟେ ଫୁଟିଯିବ
ମଧୁସିକ୍ତ ଫୁଲ
ପାଦର ଘୁଙ୍ଗୁର ତାନେ
କଣ୍ଟା ବି ହେବ ବିଭୋର
ଫୁଲମାନେ ମାଖି ହେବେ
ଅଳତାର ରଙ୍ଗ
ଆକାଶର ପାରିଜାତ ଝରୁଥିବ
ଭୂମିପରେ
ଅଙ୍ଗେ ଅଙ୍ଗେ ଭରୁଥିବ
ଫଗୁଣର ରଙ୍ଗ ...

ଦୂରଭାଷ : ୮୨୪୯୮୦୧୮୫୪



## ଜହ୍ନକୁ ପ୍ରଶ୍ନ

ଲୋକନାଥ ସାମଲ

ରେ ଜହ୍ନ! କହ ତୁ କାହାର
ଇଦ୍ ବି ତୋର,
କୁମାର ପୂର୍ଣ୍ଣିମା ବି ତୋର
କହ ତୁ କେଉଁ ଧର୍ମର।
କିଟିକିଟି ନୀର୍ଜନତାରେ
ତୁ ତ ଫ୍ଲାସ ଲାଇଟ୍ ପରି ପରିଷ୍କାର
ତୁ କହ ତ, ଜାତି ଧର୍ମ ନାଁରେ
କାହିଁ ଏତେ ଅମାପ ଅନ୍ଧାର
ଗ୍ରନ୍ଥ ପଛରେ ଈଶ୍ୱର ବଦଳେ
କାହିଁ ଭେଟୁ କୁଢ଼ କୁଢ଼ ଈର୍ଷାର ଈଶ୍ୱର।
ତୁ କଣ ଅଟକାଇଛୁ ତୋ ଜ୍ୟୋତ୍ସ୍ନା କୁ!
ଅନ୍ଧକାର ଊର୍ମି ଅବା ବାସ୍ନାୟିତ ଅଳିକୁ
ନା କରିଛୁ ଏଥିରେ କେବେ ପାତର ଅନ୍ତର!



ତେବେ କାହିଁକି...
ସମୟର ଅନ୍ତରାଳେ, ଧୁସରିଆ ଗଗନରେ
ଭାସି ବୁଲେ କଳାହାଣ୍ଡି ଧର୍ମର ବଉଦ
ସାର୍ବଭୌମ ଦେଶରେ ଜାତି ଧରମ ନାଁରେ
ଉକୁଟୁଛି ବିଭେଦର ଫୁର୍କୁଟିଆ ଗନ୍ଧ।
କାହାର ଏ ମୃଦୁ ଷଡଯନ୍ତ୍ର?
କାହା ପାଇଁ କଳୁଷିତ
ଏକତାର ସେ ଗାୟତ୍ରୀ ମନ୍ତ୍ର
ରେ ଜହ୍ନ, ଇଦ୍ ବି ତୋର
କୁମାର ପୂର୍ଣ୍ଣିମା ବି ତୋର
ସତ କହ ତୁ କେଉଁ ଧର୍ମର!

ପଣସଗଣ୍ଡ, କେନ୍ଦ୍ରାପଡା
ଦୂରଭାଷ : ୭୮୯୪୩୨୪୬୮୭



## ଏକ ନିରବ କାନ୍ଦଣା

ସୁନିତା ବାରିକ

ମଜବୁତ ହୃଦୟଟେ କାନ୍ଦୁଥିଲା
ରାତିର ଦ୍ୱିତୀୟ ପ୍ରହରରେ
ପାଖ ଛିଣ୍ଡା କନ୍ଥାରେ ଗଭୀର ନିଦରେ
ସ୍ତ୍ରୀ, ପୁଅ, ଝିଅ
କାଲି ରାତିର ଭୋକିଲା ପେଟରେ
ରାତି ପାହି ସକାଳ ହେଲେ
ପେପରବାଲା, ଖିର, ଇଲେକ୍ଟ୍ରି ବିଲ୍
ଘରବାଲା ଦାସ ବାବୁ
ରାସନ ଦୋକାନୀ ସାହୁ
ସଭିଏଁ ଲମ୍ବା ଧାଡିରେ ଠିଆ ହୋଇ
ହିସାବ କରିବେ କଡାଗଣ୍ଡା କରି
ତା ସହ ମିଶି ଯିବ
ଆଉ ଛଅଟା ମଇଳା ହାତ
ଶୂନ୍ୟରେ ପାପୁଲି ଦେଖେଇ ମାଗିବେ
ପେଟକୁ ମୁଠାଏ ଦାନା ଦେ ତ!
କ'ଣ କରିପାରିବ ସେ!
ଏବେ ମୂଲକୁ ମିଳେ ମାତ୍ର ଦୁଇ ଶହ
ସେଥିରେ ପୁଣି ଶହ ଶହ କରଜ
ଅଧା ରାସ୍ତାରୁ ସାହୁକାର
ଛଡେଇ ନିଏ
ଦିନ ଯାକର ଆହାର
ଯେଉଁ ବଡ ପଣରେ
ପ୍ରେମର ହାତ ଧରି ଗୋଡ଼
କାଢ଼ିଥିଲା ଘରୁ
ସେବେଠୁ ଏକ ନୀରବ



ଆମନ୍ତ୍ରଣ ମରଣର
କେଜାଣି
କେହି ଜଣେ କହୁଥିଲା
ତାସ୍ଲ୍ୟରେ
ତୋ କର୍ମର ଫଳ ଇଏ
ଆଉ ଜଣେ ଛିଗୁଲେଇ
ଆଖି ଠାରୁଥିଲା
ତା ନପୋଷି ପାରିବାର
ଅସମର୍ଥତାରେ
ସେ ଭାଙ୍ଗୁଥିଲା ଭିତରେ
ଛଡେଇ ଆଣିବାକୁ ଚାହୁଁଥିଲା
ପୁତ୍ର ପଣର ଅଧିକାରରେ
ତା ଭାଗ୍ୟ ଭବିଷ୍ୟତକୁ
ମଜବୁତ ହୃଦୟ ତରଳୁଥିଲା
ଅନ୍ଧାରର ଅନ୍ଧ ଗଳିରେ
ପ୍ରେମର ତାରୁଣ୍ୟତରେ
ଅଗ୍ନି ପରୀକ୍ଷା ଦେଉଥିଲା
ଜୀବନର କଷଟି ପଥରରେ।
ବିଏସ୍‌ଏନ୍‌ଏଲ୍ ଭବନ
ଦକ୍ଷିଣ କାଳୀ ରୋହ

ଢେଙ୍କାନାଳ

## ସମ୍ଭାବନା

ନରେଶ କୁମାର ବେହେରା

ଭୋର୍ ସକାଳୁ ଟ୍ରେନ୍‌ଟି କେଉଁ ଏକ ଅଜଣା ଷ୍ଟେସନ୍‌ରେ ଦୀର୍ଘ ସମୟ ହେଲା ଅଟକି ରହିଛି। କିଛି ସମୟ ପରେ ଲଳିତ୍ ଆସି ଉଠାଇଲେ, ସଞ୍ଜିବ୍ .. ସଞ୍ଜିବ୍ ...

ହୁଁ?

କୁହୁଡ଼ି ଯୋଗୁଁ ଟ୍ରେନ୍ ଲେଟ୍ ଚାଲିଛି। ଯା' ଝାଡ଼ାପାଣି ସାରି ଦେ। ପହଞ୍ଚିଲା ବେଳକୁ ଡେ଼ରି ହେବ।

ମୋର ଟ୍ରେନ୍‌ରେ ଯିବା ଅଭ୍ୟାସ ନାହିଁ। ତୁ ତୋ କାମ ସାରେ।... ଷ୍ଟେସନ୍‌ରେ ଚାହା କଫି କିଛି ମିଳିବ ଯଦି ନେଇ ଆ।

... ...

ପକେଟ୍‌ରୁ ମୋବାଇଲ୍‌ଟି କାଢ଼ି ପୁଣିଥରେ ଫୋଟଟିକୁ ଦେଖିବାରେ ବିବଶ ହୋଇପଡ଼ିଲେ। 'ଚୁମ୍‌କି' ତା ନାଁ। ଦେଖିବାକୁ ଖୁବ୍ ସୁନ୍ଦର, ପୁଟୁକା ପୁଟକା ଗାଲ। କ୍ଷୀର ପରି ଧୋବ ଫରଫର ଦେହ। ଫୋଟ ଦେଖୁଦେଖୁ ବିବାହ ପାଇଁ ରାଜି ହୋଇ ବାହାରି ପଡ଼ିଛନ୍ତି ସେ; ସ୍ୱଚକ୍ଷୁରେ ଦେଖି କଥାବାର୍ତ୍ତା ହେବାପାଇଁ। ଏଇ ଲଳିତ୍, ତାଙ୍କ ବାଲ୍ୟବନ୍ଧୁ ଯିଏ ଏହି ପ୍ରସ୍ତାବଟି ଆଣିଥିଲେ।

ସଞ୍ଜିବ୍ ଚାହୁଁଥିଲା ତା'ର ସ୍ତ୍ରୀ ବା ଧର୍ମପତ୍ନୀ ଯିଏ ବି ହେବ, ସେ ବି ତାଙ୍କପରି କେଉଁ ସଫ୍ଟୱେର୍ କମ୍ପାନୀରେ କାର୍ଯ୍ୟରତ ରହୁ। ନଚେତ୍ ବି.ଟେକ୍, ଏମ.ସି.ଏ ହେଲେ ଚଳିବ; ସେ ଚେଷ୍ଟାକରି ନିଜ କମ୍ପାନୀରେ ଜଏନ୍ କରିଦେଇ ପାରିବେ। ପ୍ରଫେସନ୍ ଗୋଟେ ହେଲେ କ'ଣ କି ଅଣ୍ଡରଷ୍ଟାଣ୍ଡିଂ ଠିକ୍ ରହିବ। ନଚେତ୍ ଦିହେଁ ଦୁହିଁଙ୍କୁ ବୁଝିବାରେ ଅଯଥା ସମୟ ଚାଲିଯିବ। କର୍ପୋରେଟ୍ ସେକ୍ଟର୍‌ରେ ରହି ସେ ନିଜ ସାଙ୍ଗମାନଙ୍କ ବିବାହ ପରର ଡ଼ିପ୍ରେସନ୍ ଷ୍ଟୋରୀ ସବୁ ଶୁଣି ଶୁଣି ଏବଂ ବିବାହ ବିଚ୍ଛେଦ ଘଟଣା ସବୁକୁ ଦେଖି ନିଜର ବିବାହ ପାଇଁ ମନ ବଳାଉ ନଥାନ୍ତି। ତା'ପରେ ପୁଣି ଆଜିକାଲି ସେମ୍ କ୍ୟାଷ୍ଟରେ ସେମ୍ ପ୍ରୋଫେସନ୍, ଗୁଡ଼ ଲୁକିଂ, ଗୁଡ୍ ଫ୍ୟାମିଲି, ଏସବୁକୁ ଖୋଜି ଖୋଜି ତାଙ୍କର ବାଳ ପାଚିଗଲାଣି।

ଭାଗ୍ୟକୁ ଏତେଦିନ ପରେ ଲଳିତ୍ ଏହି ପ୍ରସ୍ତାବଟି ଆଣି, ଝିଅର ଫୋଟକୁ ୱାଟ୍‌ସାପ୍ କରିଥିଲେ। ଘରେ କାହାକୁ ନ କହି ସଞ୍ଜିବ୍ ଓ ଲଳିତ ଦୁହେଁ ବାହାରିଛନ୍ତି ଝିଅ ଦେଖିବାକୁ। ମା'ଙ୍କୁ କହିଥିଲେ 'ଗୋଟେ ଝିଅର ଫୋଟ ପାଇଛି, ଦେଖାସାକ୍ଷାତ୍ ହେଲେ ଜଣେଇବି।' ଲଳିତ୍ ଚୁମ୍‌କି ବିଷୟରେ ସ୍ୱଳ୍ପରେ ଯାହା କହିଥିଲେ – 'ସେ ଏବେ ଗ୍ରାଜୁଏସନ୍ ସେକଣ୍ଡ ଇୟର୍ ଷ୍ଟୁଡେ଼ଣ୍ଟ। ଗରିବ ଘରର ଝିଅ। ବାପା କେଉଁ ମନ୍ଦିରରେ ପୂଜାରୀ ଅଛନ୍ତି। ନିଜର ବୋଲି ସେମିତି ଜମି-ବିଲବାଡ଼ି କିଛିନାହିଁ। ପଶ୍ଚିମବଙ୍ଗର ଖଡ଼ଗପୁରରେ ରୁହନ୍ତି।'

ଖଡ଼ଗପୁରରେ ଟ୍ରେନ୍‌ଟି ପହଞ୍ଚିଲାବେଳକୁ ପ୍ରାୟ ଦଶଟା। ଆଠନମ୍ବର ପ୍ଲାଟ୍‌ଫର୍ମରୁ ବାହାରି ସ୍ଥାନୀୟ ରେଳବିଭାଗୀୟ ପ୍ରତୀକ୍ଷାଳୟରେ ରିଟର୍ଣ୍ଣ ଟିକଟ୍ ଦେଖେଇ ଏ.ସି. ରୁମ୍‌ଟେ ବୁକ୍ କରିନେଲେ। ଫ୍ରେସ୍ ହୋଇ ଟ୍ୟାକ୍ସି ବୁକ୍ କରି ବାହାରି ପଡ଼ିଲେ ଚୁମ୍‌କି ଘର ଅଭିମୁଖେ। ଖଡ଼ଗପୁର ପୁରୁଣା ସହରଟେ ହେଲେବି ବିଶେଷ କିଛି ଦେଖିବା ଯୋଗ୍ୟ ନାହିଁ। ସ୍ୱାଧୀନତାର ସତୁରୀ ବର୍ଷ ପରେ ବି ସେମିତି କିଛି ଆଖିଦିଶିଲା ଭଳି ଡେ଼ଭେଲପମେଣ୍ଟ ହୋଇନାହିଁ। ଗୁଗୁଲ୍ ମ୍ୟାପ୍‌ରୁ ଲୋକେସନ୍ ଟ୍ରାକ୍‌କରି ଲଳିତ୍ ଟ୍ୟାକ୍ସି ଡ୍ରାଇଭର୍‌କୁ ନିର୍ଦ୍ଦେଶ ଦେଉଥାନ୍ତି। ମାତ୍ର ୮-୯ମିନିଟ୍ ପରେ ଟ୍ୟାକ୍ସି ଡ୍ରାଇଭର୍ ବଙ୍ଗଳା ଭାଷାରେ କହିଲା, 'ସାର୍ ଆଗକୁ ଆଉ ଗାଡ଼ିଯିବ ନାହିଁ। ରାସ୍ତା ଚଉଡ଼ା କମ୍ ଅଛି।'

'ଠିକ୍ ଅଛି, ଆମେ ଓହ୍ଲାଇ ଯାଉଛୁ। ଚାଲି ପଳେଇବୁ। ତମେ ଏଠି ପାର୍କିଂ କରି ଅପେକ୍ଷା କରିଥ।' ଲଳିତ କହିଲେ।

ଜାଗାଟି କେଉଁ ଏକ ବସ୍ତି ଭଳି ପରିଲକ୍ଷିତ ହେଉଥାଏ। ଜଣେ କେହି ତାଙ୍କ ସମ୍ପର୍କୀୟ ପାଛୋଟି ନେବାକୁ ରାସ୍ତା ମୁହଁକୁ ଆସିଥିଲେ। ତାଙ୍କ ପଛେପଛେ ଚାଲିଲେ ଏ ଦୁହେଁ। ଚାରିଆଡ଼େ ଦୁର୍ଗନ୍ଧ। ଘୁଷୁରୀ, ବତକ, ଛେଳୀ, ମେଣ୍ଢା ସବୁପ୍ରକାର ପଶୁପକ୍ଷୀ ସେଠି ସମସ୍ତଙ୍କ ଘରର ଦାଣ୍ଡବାରିରେ। ପାଖରେ କେଉଁ ଏକ ଜୁଟ୍ ମିଲ୍‌ର ସାଇରନ୍ ବାଜିବାର ସ୍ୱର ବି ଶୁଣାଗଲା। ଦୀର୍ଘ ପାଞ୍ଚମିନିଟ୍ ଚାଲିବାପରେ ଏକ ଛୋଟିଆ ଚାଳଘରକୁ ନେଇଗଲେ ସେ ବ୍ୟକ୍ତିଜଣକ। ବାହାରୁ ଝାଟିମାଟି। ଭିତରେ କିନ୍ତୁ ପକ୍କା ଛାତଘର ଥିଲା।

ଦାଣ୍ଡଘରଟି ଚାଳଛପର ରଖିବାର ଉଦ୍ଦେଶ୍ୟ କ'ଣ ବା ହୋଇଥିବ ମନେମନେ ବିଚାରୁଥାନ୍ତି ସଞ୍ଜିବ୍। ଯାହାହେଉ ଏତେ ସମୟର ପୂତମୟ ରାସ୍ତାରେ ଗତିକଲା ପରେ ଭଲ ଘରେ, ସୋଫାପରେ ବସିବାର ମଜାଟାକୁ ଖୁବ୍ ଉପଲବ୍ଧି କରୁଥିଲେ ଦୁହେଁ ଲଳିତ୍ ଓ ସଞ୍ଜିବ୍।

ସୁଦୂର ବିଶାଖାପାଟଣାରୁ ଆସିବାର ଶୁଣି ଚୁମ୍‌କିର ନିକଟ ବନ୍ଧୁବାନ୍ଧବୀ, ସାଙ୍ଗସାଥି ସବୁ ଚାଲି ଆସିଥିଲେ ଦେଖିବାକୁ ସଞ୍ଜିବ୍‌ଙ୍କୁ। ଚାହା ଜଳଖିଆ ଭିତରେ କଥାବାର୍ତ୍ତାରୁ ସେ ଯାହା ଜାଣିବାକୁ ପାଇଲେ ଯେ, ତାହା ଏକ ରେଫ୍ୟୁଜି ବସ୍ତି ବୋଲି। ସମସ୍ତେ ପ୍ରାୟ ନିକଟସ୍ଥ ଜୁଟ୍ ମିଲ୍‌ରେ ମଜଦୁରୀ କରିଥାନ୍ତି। ରହିବା, ପାଣି, ବିଦ୍ୟୁତ୍ ପାଇଁ ମାସକୁ ମାତ୍ର ୭୦ଟଙ୍କା ଦେବାକୁ ପଡ଼େ। ଯେଉଁମାନଙ୍କର ପଛପଟେ ଖୋଲା ଯାଗାଥିଲା ସେମାନେ ନିଜ ଖର୍ଚ୍ଚରେ ଘର ତୋଳିଛନ୍ତି। ଚୁମୁକିର ବାପା ଓ ବୋଉ ଦୁହେଁ ଜୁଟ୍ ମିଲ୍‌ରେ କାମ କରନ୍ତି। ତା'ସହ ବାପା ହୋମଯଜ୍ଞ, କର୍ମକାଣ୍ଡ କରନ୍ତି ଏବଂ ତିନିଚାରିଟା ମନ୍ଦିରରେ ପାଳିଆ ସେବକ ରୂପେ ଅଛନ୍ତି। ମାସକୁ କିଛି ନହେଲେ ସର୍ବମୋଟ କୋଡ଼ିଏ ହଜାର ରୋଜଗାର ହେଇଯାଏ। ଚୁମୁକି ତଳେ ଆଉ ଦୁଇଜଣ ଭଉଣୀ, ବର୍ଷେ-ବର୍ଷେ ବୟସର ବ୍ୟବଧାନରେ।

ଲଳିତ୍ ସଞ୍ଜିବ୍‌କୁ ଠାରଉଥାନ୍ତି। ପୁସ୍‌ଫାସ୍ ହୋଇ କହିଲେ, 'କ'ଣ କଥାବାର୍ତ୍ତା ହେଉନୁ? (କ୍ରମଶଃ)








ଆସମା ନନ୍ଦ
ଷ୍ଟାଣ୍ଡାର୍ଡ-୩
ସେଣ୍ଟ ଜୋସେଫ୍ ହାଇସ୍କୁଲ
ଭୁବନେଶ୍ୱର

### ଚାମ୍ପୁଡ଼ିଆ ସାହି ରାସ୍ତା ଅବସ୍ଥା ଶୋଚନୀୟ

# ଖଟିଆରେ ବୁହାହୋଇ ଡାକ୍ତରଖାନା ଗଲେ ଅସୁସ୍ଥ ମହିଳା



**ଭଦ୍ରକ :** କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମୌଳିକ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଡ଼ିଣ୍ଡିମ ପିଟୁଥିବା ବେଳେ ଏହା କେବଳ କାଗଜ କଲମରେ ସୀମିତ ରହି ଯାଇଛି । ଯାହାର ଉଦାହରଣ ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ ସ୍ଥିତ ବିସଲକଣା ଗ୍ରାମ ଅର୍ନ୍ତଗତ ଚାପୁଂଡ଼ିଆ ସାହିକୁ ଦେଖିଲେ ଜଣାପଡୁଛି । ଉକ୍ତ ସାହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବାରୁ ଗତ ୨୧ତାରିଖ(ବୁଧବାର) ଜଣେ ଅସୁସ୍ଥ ମହିଳାଙ୍କୁ ପରିବାର ବର୍ଗ ଖଟିଆରେ ବୋହି ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାକୁ ଆଣିବା ପରେ ଆମ୍ବୁଲାନ୍ସରେ ଭଦ୍ରକ ମୁଖ୍ୟ ଡ଼ାକ୍ତରଖାନାକୁ ନେଇଥିବାର ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ଉକ୍ତ ସାହିର ସବିତା ନାୟକ ନାମକ ଜଣେ ୫୫ ବର୍ଷିୟ ବିଧବା ମହିଳା ଗାଧୋଇବା ସମୟରେ ହଠାତ୍ ତଳେ ପଡ଼ିଯାଇଥିଲେ । ପରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଡ଼ାକ୍ତରଖାନାକୁ ଅଣାଯିବା ପାଇଁ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା । ରାସ୍ତା ଅବସ୍ଥା ଶୋଚନୀୟ ସହ ସଂର୍କୀର୍ଣ୍ଣତା ହେତୁ ଆମ୍ବୁଲାନ୍ସ ସାହି ଭିତରକୁ ଯିବା ସମ୍ଭବପର ହୋଇପାରୁ ନଥିବାରୁ ପରିବାର ବର୍ଗ ଓ ସାହିବାସୀ ତାଙ୍କୁ ଘରପାଖରୁ ଖଟିଆରେ ବୋହି ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାକୁ ଆଣି ଅପେକ୍ଷାରତ ଆମ୍ବୁଲାନ୍ସରେ ଭଦ୍ରକ ମୁଖ୍ୟ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ସାହିବାସୀଙ୍କ ସୂଚନା ଅନୁଯାୟୀ ;ସ୍ୱାଧିନତାର ୭୩ବର୍ଷ ପରେ ମଧ୍ୟ ଉକ୍ତ ସାହି ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନଙ୍କ ନଜର ଆଢୁଆଳରେ ରହିଯାଇଛି । ଏହି ସାହି କୁ ଆଜିଯାଏ ଭଲ ରାସ୍ତାଟିଏ ନିର୍ମାଣ ହୋଇନପାରିବା ବଡ ଦୁଃଖ ଓ ଅନୁତାପର ବିଷୟ ଅଟେ ବୋଲି ସେମାନେ ଲୁହଭରା ନୟନରେ ପ୍ରକାଶ କରିଛନ୍ତି । ଭଲ ରାସ୍ତାଟିଏ ନଥିବାରୁ ଲୋକମାନେ ନାନାଦି ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି । ଏଠାରେ ପାଖାପାଖି ଶହେ ଲୋକ ବସବାସ କରନ୍ତି । ସେଥିରୁ ୬୮ ଜଣ ଭୋଟର ଅଟନ୍ତି । ଛୋଟ ଛୋଟ କୋମଳମତୀ ପିଲାମାନେ ଅଧ୍ୟୟନ କରିବାକୁ ସ୍କୁଲ,କଲେଜ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାକୁ ଏହି ରାସ୍ତା ଟି ସଂଯୋଗ କରୁଛି । ଖାଲଖମାରେ ଭର୍ତ୍ତି ଏହି ରାସ୍ତାଟି ଅତି ସଂକୀର୍ଣ୍ଣ ଥିବାରୁ ସାଇକେଲଟିଏ ମଧ୍ୟ ସୁବିଧା ଭାବେ ଯାଆଆସ କରିପାରିନଥାଏ । ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ଏହି ରାସ୍ତା ଦେଇ ଯିବା ଆଦୌ ସମ୍ଭବପର ହୋଇପାରୁ ନାହିଁ । ରାସ୍ତା ସାରା କାଦୁଅ ପଚପଚ । ଏପରି ଅବସ୍ଥାରେ ଖାଲିପାଦରେ ଯିବା ମଧ୍ୟ ସମ୍ଭବପର ନୁହେଁ । ରାତିରେ ଏହି ରାସ୍ତାରେ ଯିବା ଅର୍ଥ ମରଣକୁ ଡ଼ାକିବା । ଏହି ପରି ଅବସ୍ଥାରେ ସାହି ଲୋକମାନେ ଯାଆଆସ କରୁଛନ୍ତି । ସବୁ ସାହିକୁ କଂକ୍ରିଟ ରାସ୍ତା ହେଉଛି ବୋଲି ସରକାର ଡ଼ିଣ୍ଡିମ ପିଟୁଥିବା ବେଳେ ବିସଲକଣା ଗାଁ ଅର୍ନ୍ତଗତ ଚାପୁଂଡ଼ିଆ ସାହି ଉକ୍ତ ସୁବିଧାରୁ ବଂଚିତ ହୋଇ ଆସୁଛନ୍ତି । ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ଟୋଲ ଫ୍ରି ନମ୍ବରରେ ଦୁର୍ନୀତି ରୋକିବାକୁ ଉଦ୍ୟମ




**କଟକ :** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ବେଳେ ଚଳିତ ବର୍ଷ ପ୍ରସଙ୍ଗ ରହିଛି 'ସତର୍କ ଭାରତ, ସମୃଦ୍ଧ ଭାରତ' । କଟକ ଭିଜିଲାନ୍ସ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଇ-ମେଲ, ହ୍ୱାଟସଆପ୍ ସମେତ ଛାପା ଓ ମୁଦ୍ରିତ ଗଣମାଧ୍ୟମ ମାଧ୍ୟମରେ କିଭଳି ଦୁର୍ନୀତି ନିରୋଧ ସମ୍ପର୍କରେ ଜନଜାଗରଣ ସୃଷ୍ଟି କରାଯିବ, ସେ ନେଇ ସଚେତନ କରାଯାଇଥିଲା । ଭିଜିଲାନ୍ସ ପକ୍ଷରୁ ଜାରି ଟୋଲ୍ ଫ୍ରି ନମ୍ବର ୧୦୬୪ କିଭଳି ସାଧାରଣ ଜନତା ଅଧିକ ମାତ୍ରାରେ ବ୍ୟବହାର କରିବେ, ସେ ନେଇ ୬ଲକ୍ଷ ବିଏସ୍ଏନ୍ଏଲ୍ ଗ୍ରାହକଙ୍କୁ ମ୍ୟାସେଜ ପଠାଯିବାକୁ ଯୋଜନା କରାଯାଇଛି । ଏହି ନମ୍ବର ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଛି । ଦୁର୍ନୀତି ବିରୋଧରେ ଯେକୌଣସି ତଥ୍ୟ ଯୋଗାଇବା ସହିତ ଏଥିରେ ଅଭିଯୋଗ ମଧ୍ୟ ପଞ୍ଜିକରଣ କରିପାରିବେ । ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ଆଇଜି ଘନଶ୍ୟାମ ଉପାଧ୍ୟାୟ, ଡିଆଇଜି ସଞ୍ଜୟ କୁମାର କୌଶଲ, ଏସ୍‌ପି ସାରା ଶର୍ମା, ଆଇନ ପରାମର୍ଶଦାତା ଦିଲ୍ଲୀପ କୁମାର ମିଶ୍ର, ମୁଖ୍ୟଯନ୍ତ୍ରୀ ଶିଶିର କୁମାର ପଟ୍ଟନାୟକ, ଅର୍ଥ ପରାମର୍ଶଦାତା ଅଶୋକ କୁମାର ମହାନ୍ତି, ଏସ୍‌ପି କଟକ ଡିଭିଜନ ଶଶୀ ଭୂଷଣ ମିଶ୍ର, ଏସ୍‌ପି ସେଲ ଏମ ରାଧାକ୍ରିଷ୍ଣନ, ଏସ୍‌ପି (କୋଡିନେସନ) ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦରମା ଠାରୁ ...

କନଷ୍ଟେବଲ ପଦବୀ ଛୋଟ ହୋଇଥିଲେ ବି ହାମିକଙ୍କ ଭଳି ଚଳନ୍ତି । ଏମାନଙ୍କର ଦରମା ବ୍ୟତିରେକ ଏତେ ଅଧିକ ରୋଜଗାର ଯେ ବାବୁମାନେ ବାର ଅନୁସାରେ ତାରକା ହୋଟେଲ ଖାଦ୍ୟ କିମ୍ବା ଦାମୀ ଢାବାରୁ ଖାଦ୍ୟ ମଗାଇ ଖାଆନ୍ତି । ଚଳଣି ମଧ୍ୟ ରାଜକୀୟ, ଦୁଇ ଚକିଆଠୁ ଆରମ୍ଭ କରି ଚାରି ଚକିଆ ଏବଂ ଅନେକ ଜାଗା, ବଡକୋଠା ସବୁକିଛି ରହିଛି । କେବଳ ଏତିକି ନୁହେଁ, ଅଧିକ ଅର୍ଥ ଉପାର୍ଜନ ସହିତ ଏମାନଙ୍କର ସୁରା ସାକୀ ସବୁ ଦରକାର ବୋଲି ଅଭିଯୋଗ ହୁଏ । ରାଜଧାନୀର ବିଭିନ୍ନ ଦୋକାନରୁ ବିନା ମୂଲ୍ୟରେ ଦାମୀ ଜିନିଷ ହାତେଇବାକୁ ଏମାନେ ସଙ୍କୋଚ କି ଭୟ କରନ୍ତି ନାହିଁ । ସତେଯେମିତି ପୋଲିସ ମାନୁଆଲ ଏମାନଙ୍କ କ୍ଷେତ୍ରରେ ଲାଗୁ ହେଉନାହିଁ । ଯେଉଁଥିପାଇଁ ୟାଙ୍କର ବଦଳି ନାହିଁ କି ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନାହିଁ । ଏଭଳି ଏକାଧିକ କନଷ୍ଟେବଲ କମିଶନରେଟ୍ ଅଧୀନରେ କାର୍ଯ୍ୟ କରୁଛନ୍ତି । ଓ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ହେଉଥିଲେ ସୁଦ୍ଧା କାହିଁକି କେଜାଣି ଏମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି । ବିଶେଷକରି ଏଠାରେ କାର୍ଯ୍ୟରତ କିଛି କନଷ୍ଟେବଲଙ୍କର ୨୦୦୮ ମସିହାରୁ ବଦଳି ହେଉନାହିଁ । ରାଜ୍ୟ ଗୃହ ବିଭାଗ ଅଧିନରେ ଥିବା ପୋଲିସ ବିଭାଗରେ ଏଭଳି ତ୍ରୁଟି ହେଉଛି କିପରି ? ବିଶୃଙ୍ଖଳିତ ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଉଛି କିଏ ? ଯାହାଫଳରେ ଦିନକୁ ଦିନ ଏହି କନଷ୍ଟେବଲମାନେ ବିଭାଗୀୟ ଶୃଙ୍ଖଳାକୁ ଭାଙ୍ଗି ଚାଲିଛନ୍ତି । ଡିସିପି ଅଫିସ ଲାଇସେନ୍ସିଂ ସେକ୍ସନରେ କାର୍ଯ୍ୟରତ ଦୁଇଜଣ କନଷ୍ଟେବଲ ଏଠାରେ ଦୀର୍ଘବର୍ଷ ହେବ ସ୍ଥାନ ପକ୍କା କରିସାରିଛନ୍ତି । ଯେଉଁମାନେ କି ବେପାରୀଙ୍କ ଠାରୁ ମୋଟା ଅଙ୍କର ମାଲ ନେଇ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେଉଛନ୍ତି । ଏମାନଙ୍କ ଭିତରେ ରହିଛନ୍ତି ସିଜିନାଲ ବେପାରୀ, ଉଠା ବେପାରୀ, ଲଜିଙ୍ଗ, ବାର, ଡ୍ୟାନ୍ସବାର, ଛୋଟବଡ ବ୍ୟବସାୟିକ ପ୍ରତିଷ୍ଠାନରୁ ମାସିକ ବଟି ଆଦାୟ କରୁଥିବା ଅଭିଯୋଗ ହେଉଛି । ବିଭିନ୍ନ ବ୍ୟବସାୟୀଙ୍କ ଠାରୁ ଉପହାର ବାହାନାରେ ଦାମୀ ସାମଗ୍ରୀ ମଧ୍ୟ ଆଦାୟ କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି । କେବଳ ଏତିକି ନୁହେଁ ରାଜଧାନୀରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପୂଜାପର୍ବାଣୀ, ବିବାହ ରୋଷଣୀ ଓ ପୋଲିସ ଅନୁମତି ଦରକାର ହେଉଥିବା ଉତ୍ସବ ଗୁଡିକ ନିମନ୍ତେ ଲାଇସେନ୍ସ କରାଇ ଦେବା ପାଇଁ ଏହି କନଷ୍ଟେବଲମାନେ ବ୍ୟାପକ ଲାଞ୍ଚ ନେଇ କାର୍ଯ୍ୟ କରାଇ ଦିଅନ୍ତି । ଏତଦ୍‌ବ୍ୟତୀତ ନିୟମିତ ଲାଞ୍ଚ ଦେଉଥିବା ଦୋକାନୀଙ୍କ ଥଇଥାନ କରୁଥିବା କନଷ୍ଟେବଲମାନଙ୍କ ମଧ୍ୟରେ ୧୧୦ କୋର୍ଟର କନଷ୍ଟେବଲ ଅରୂପ ଦାସ, ଲାଇସେନ୍ସିଂ ସେକ୍ସନରେ ଥିବା ବେଳେ ବିବେକ ମଲିକ ଓ ରମେଶ ସାହୁ ଏଭଳି କାର୍ଯ୍ୟରେ ଅଧିକ ସକ୍ରିୟ ରହିଥିବା ଜଣାପଡିଛି । ରମେଶ ସାହୁ ଏତେ ଦକ୍ଷ ଯେ, ତାଙ୍କ ଇଙ୍ଗୀତରେ ବଡ ବଡ ପୋଲିସ ଅଫିସର ବାଟ ଚାଲନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହୁଏ । ଏତେ ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଭଳି କନଷ୍ଟେବଲମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସବୁଠୁ ଆଶ୍ଚର୍ଯ୍ୟ ଲାଗୁଛି । ନିୟମ ସମସ୍ତଙ୍କ ପାଇଁ ସମାନ ଥିଲା ବେଳେ ବଡବଡିଆଙ୍କର ବଦଳି ହେଉଛି ଅଥଚ ଡିସିପି ଅଫିସରେ ଦୀର୍ଘବର୍ଷ ହେବ କାର୍ଯ୍ୟ କରୁଥିବା କନଷ୍ଟେବଲଙ୍କ କ୍ଷେତ୍ରରେ ନିୟମ ଲାଗୁ ନହେବା ପଛର କାରଣ କ'ଣ ? ଦୁର୍ନୀତିକୁ ଧରୁଥିବା ପୋଲିସ ବିଭାଗରେ ଦୁର୍ନୀତି କରୁଥିବା କନଷ୍ଟେବଲ କିଭଳି ସ୍ୱଚ୍ଛନ୍ଦରେ ରହିପାରିଛନ୍ତି ତାହା ବିସ୍ମୟ ସୃଷ୍ଟି କରୁଛି । ଏଭଳି ପରିସ୍ଥିତିରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ନିରପେକ୍ଷ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ କମିଶନରେଟ୍ ପୋଲିସର ଗୁମର ଖୋଲିଯିବାର ଆଶଙ୍କା ରହିଛି । ତଦନ୍ତ ହେଲେ ଅନେକ ତଥ୍ୟ ସାମ୍ନାକୁ ଆସିପାରିବ ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଧରାପଡିବେ ।

### ସ୍କୁଲ୍, ମନ୍ଦିର ...

ଖୋଲି ପାରିବ ଧର୍ମାନୁଷ୍ଠାନ । ଧର୍ମାନୁଷ୍ଠାନ କର୍ତ୍ତୃପକ୍ଷ କୋଭିଡ୍ ନିୟମ ପାଳନ କରିବେ । ଅନୁମତି ନେଇ ପୂଜାପାଠ ଓ ଧାର୍ମିକ ଉପାସନା ହୋଇପାରିବ । ବାହାଘର ଉତ୍ସବରେ ସର୍ବାଧିକ ୨ ଶହ ଲୋକଙ୍କୁ ଅନୁମିତ ଦିଆଯାଇଛି । ସେହିପରି ଅନ୍ତିମ ସଂସ୍କାରରେ ସାମିଲ ହୋଇପାରିବେ ସର୍ବାଧିକ ୫୦ ଜଣ । ଯାହାକି ପୂର୍ବରୁ ୨୦ଜଣ ଭିତରେ ସୀମିତ ଥିଲା । ଅନ୍ୟପକ୍ଷରେ ମଧ୍ୟ ନଭେମ୍ବର ୩୦ ଯାଏ ଅନ୍ତର୍ଜାତୀୟ ଯାତ୍ରୀବାହୀ ବିମାନ ଉଡ଼ାଣ ବନ୍ଦ ରହିବ । ତେବେ ଆବଶ୍ୟକ ସ୍ଥଳେ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅନୁମତିରେ ଯାତ୍ରୀବାହୀ ବିମାନ ଉଡ଼ିପାରିବ । ବଡ଼ ସାମାଜିକ, ରାଜନୈତିକ, କ୍ରୀଡ଼ା ସମାବେଶ ଓ ଧାର୍ମିକ ସମାବେଶ ଉପରେ କଟକଣା ରହିବ । ସିନେମା ହଲ, ସୁଇମିଂ ପୁଲ୍ ଓ ଥିଏଟର ବନ୍ଦ ରହିବ । କୋଭିଡ୍ କଟକଣା ଭିତରେ ଖୋଲିପାରିବ ମୁକ୍ତାକାଶ ରଙ୍ଗମଞ୍ଚ । ତେବେ କଣ୍ଟେନ୍‌ମେଣ୍ଟ ଜୋନ୍ ପୂର୍ବ ଭଳି କଟକଣା ଜାରି ରହିବ ।

### ନିଷ୍ପତ୍ତି ସର୍ବଦା ...

ପ୍ରଶିକ୍ଷଣର ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରଶିକ୍ଷଣରେ କିଭଳି ଆଧୁନିକ ଆଭିମୁଖ୍ୟ ଅଣାଯାଇପାରିବ ସେ ବିଷୟରେ ପୂର୍ବରୁ ଅଧିକ ଚିନ୍ତା କରାଯାଇନଥିଲା, କିନ୍ତୁ, ବର୍ତ୍ତମାନ ଦେଶରେ ମାନବ ସମ୍ବଳର ଆଧୁନିକ ତାଲିମ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଗତ ୨-୩ ବର୍ଷ ମଧ୍ୟରେ ସରକାରୀ କର୍ମଚାରୀଙ୍କ ପ୍ରଶିକ୍ଷଣ ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି । ଏହି ଆରମ୍ଭ କେବଳ ଆରମ୍ଭ ନୁହେଁ, ଏହା ମଧ୍ୟ ଏକ ପ୍ରତୀକ ଓ ଏକ ନୂତନ ପରମ୍ପରା । ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାରଙ୍କ ମିଶନ କର୍ମଯୋଗୀ ଅଭିଯାନ ଉପରେ ଆଲୋଚନା କରି କହିଛନ୍ତି ଯେ ଦକ୍ଷତା ବିକାଶ ଦିଗରେ ଏହାର ଏକ ନୂତନ ପରୀକ୍ଷଣ । ସେ କହିଛନ୍ତି ଯେ ସରକାର ଉପରସ୍ତରରୁ କାର୍ଯ୍ୟ କରେ ନାହିଁ ବରଂ ଯେଉଁମାନଙ୍କ ପାଇଁ ଯୋଜନାର ଆବଶ୍ୟକତା ରହିଛି ସେମାନଙ୍କ ଠାରୁ କାର୍ଯ୍ୟ ଆରମ୍ଭ ହେବା ଆବଶ୍ୟକ । ଜନସାଧାରଣ କେବଳ ସରକାରୀ ନୀତି ଓ ଯୋଜନା ଗ୍ରହଣ କରନ୍ତି ନାହିଁ ବରଂ ସେମାନେ ହେଉଛନ୍ତି ପ୍ରକୃତ ଶକ୍ତି । ସେଥିପାଇଁ ଆମକୁ ସରକାରରୁ ଶାସନ ଆଡକୁ ଅଗ୍ରସର ହେବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଶାସନିକ ଶିକ୍ଷାନବୀସମାନଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇ କହିଛନ୍ତି ଯେ, ଯେଉଁ ପ୍ରକ୍ରିୟାରେ ଦେଶ କାର୍ଯ୍ୟ କରୁଛି, ସେଠାରେ ଅମଲାତନ୍ତ୍ରର ଭୂମିକା ସର୍ବନିମ୍ନ ସରକାର ଓ ସର୍ବାଧିକ ଶାସନ । ନାଗରିକଙ୍କ ଜୀବନରେ ହସ୍ତକ୍ଷେପ ହ୍ରାସ ପରି କିଭଳି ସେମାନଙ୍କୁ ସଶକ୍ତ କରାଯାଇ ପାରିବ ତାହା ଅମଲାତନ୍ତ୍ରର ସର୍ବୋତ୍ତମ ଭୂମିକା ହେବା ଆବଶ୍ୟକ ବୋଲି ଶ୍ରୀ ମୋଦୀ କହିଛନ୍ତି ।

### ସୁଶାସିତ ରାଜ୍ୟ ...

ଆନ୍ଧ୍ରପ୍ରଦେଶ (୦.୫୩୧) ଏବଂ କର୍ଣ୍ଣାଟକ(୦.୪୬୮) ରହିଛନ୍ତି । ରିପୋର୍ଟ ଅନୁଯାୟୀ ଉତ୍ତରପ୍ରଦେଶ, ଓଡ଼ିଶା ଏବଂ ବିହାର ତାଲିକାର ନିମ୍ନରେ ରହିଛନ୍ତି । ଏହି ତିନୋଟି ରାଜ୍ୟର ପିଏଆଇ ସୂଚକାଙ୍କ ନକାରାତ୍ମକ ରହିଛି । ଉତ୍ତରପ୍ରଦେଶକୁ-୧.୪୬୧, ଓଡ଼ିଶାକୁ-୧.୨୦୧ ଏବଂ ବିହାରକୁ -୧.୧୫୮ ପିଏଆଇ ସୂଚକାଙ୍କ ମିଳିଛି । ସେହିପରି ଛୋଟ ରାଜ୍ୟମାନଙ୍କ ଶ୍ରେଣୀରେ ଗୋଆ ୧.୭୪୫ ପିଏଆଇ ସୂଚକାଙ୍କ ସହ ତାଲିକାର ଶୀର୍ଷରେ ରହିଛି । ଗୋଆ ପରେ ମେଘାଳୟ(୦.୭୯୭) ଏବଂ ହିମାଚଳପ୍ରଦେଶ(୦.୭୨୫) ରହିଛନ୍ତି । ଛୋଟ ରାଜ୍ୟମାନଙ୍କ ଶ୍ରେଣୀରେ ମଣିପୁର (- ୦.୩୬୩) ଏବଂ ଉତ୍ତରାଖଣ୍ଡ(-୦.୨୭୭) ନିମ୍ନରେ ରହିଛନ୍ତି । ଅନ୍ୟପଟେ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ ମଧ୍ୟରେ ୧.୦୫ ପିଏଆଇ ସୂଚକାଙ୍କ ସହ ଚଣ୍ଡୀଗଡ଼ ଦେଶରେ ଶୀର୍ଷରେ ରହିଛି । ଏହାପରେ ପଣ୍ଡିଚେରୀ(୦.୫୨), ଲାକ୍ଷାଦ୍ୱୀପ(୦.୦୦୩) ରହିଛନ୍ତି । ଦିଲ୍ଲୀ -୦.୨୮୯ ଏବଂ ଦାଦ୍ରାନଗର ହାବେଳି-୦.୬୯ ସୂଚକାଙ୍କ ସହ କେନ୍ଦ୍ରଶାସିତ ତାଲିକାର ନିମ୍ନରେ ରହିଛି । ପିଏସ୍ଆଇ-୨୦୨୦ ତାଲିକା ଦ୍ୱାରା ଦେଶ ମଧ୍ୟରେ ହେଉଥିବା ଆର୍ଥିକ ଏବଂ ସାମାଜିକ ପରିବର୍ତ୍ତନ ବିଷୟରେ ଆମକୁ ସୂଚନା ମିଳୁଥିବା ସଂଗଠନର ଅଧ୍ୟକ୍ଷ ତଥା ଇସ୍ରୋର ପୂର୍ବତନ ମୁଖ୍ୟ କେ କସ୍ତୁରୀରଙ୍ଗନ୍ କହିଛନ୍ତି ।

### ଉତ୍ତର ଦ୍ୱାରରୁ ...

ସୁଦ୍ଧା ଏହି ଉନ୍ନତିମୂଳକ କାମ ଶେଷ କରିବା ଯୋଜନା ରଖାଯାଇଛି । ଏଣେ ମହାଶିବରାତ୍ରୀ ଆଗରୁ ରାସ୍ତା ପ୍ରଶସ୍ତିକରଣ କରାଯିବାର ଯୋଜନା ରହିଛି । ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ସହ ଭକ୍ତଙ୍କ ସୁବ୍ୟବସ୍ଥିତ ଯାତ୍ରା ପାଇଁ ବିକଳ୍ପ ରାସ୍ତାର ବ୍ୟବସ୍ଥା ହେଉଛି । ସେ କାମ ମଧ୍ୟ ଶୀଘ୍ର ସାରିବାକୁ ଲକ୍ଷ୍ୟ ରଖାଯାଇଛି । ୩୦ ସୁଦ୍ଧା ସବୁ କାମ ସରିବାକୁ ଆଶା ରଖାଯାଇଛି । ଏହି ଗସ୍ତରେ ପାଣ୍ଡିଆନଙ୍କ ସହ ବିଭାଗୀୟ ସଚିବ କ୍ରିଷନ କୁମାର ଓ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ ।

# ପିଆଜ ଦର ଆକାଶଛୁଆଁକୁ ନେଇ ଚିନ୍ତାରେ ଗୃହିଣୀ



**ଜଗତସିଂହପୁର :** ପିଆଜ ଦର ଦିନକୁ ଦିନ ବଢିବାକୁ ଲାଗିଥିବା ବେଳେ ଗରିବ ବ୍ୟବସାୟୀ ଓ ଦିନ ମଜୁରିଆଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଲାଣି । କରୋନା ମହାମାରୀ ଯୋଗୁଁ ଲୋକ ମାନଙ୍କର କାମଦାମ ବନ୍ଦ ହୋଇ ଯାଇଥିବାବେଳେ ପନିପରିବା ଓ ପିଆଜ ଦର ଆକାଶ ଛୁଆଁକୁ ନେଇ ଯୋଗାଣ ବିଭାଗ ନିରବ ଦ୍ରଷ୍ଟା ସାଜିଲାପରି ଲାଗୁଛି । ଜିଲ୍ଲାରେ ପ୍ରତି ଦିନ ଲଗାଣ ବର୍ଷା ଯୋଗୁଁ ପନିପରିବା ଆମଦାନୀ ଏକ ପ୍ରକାର ମଡକ ପଡି ଯାଇଛି । ଜିଲ୍ଲାରେ ପରିବା ବ୍ୟବସାୟୀ ଓ ସରକାରୀ ବାବୁ ମାନଙ୍କ ଭିତିରିଆ ସମ୍ପର୍କକୁ ନେଇ କଳା ବଜାରି ବଢିବାରେ ଲାଗିଛି । ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଜିଲ୍ଲାପାଳ ମାନଙ୍କୁ ପିଆଜ ଦର ବୃଦ୍ଧି ଉପରେ ନିୟନ୍ତ୍ରଣ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ବି ଜଗତସିଂହପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଦିନକୁ ଦିନ ପିଆଜ ଦର ନିୟନ୍ତ୍ରଣ ରଖିବା ପରିବର୍ତ୍ତେ ହୁ ହୁ ହୋଇ ବଢି ଚାଲିଛି । ଗାଁ ଗାଁଉଲି ମାନଙ୍କରେ ପରିବା ଦୋକାନ କରି ନିଜର ପରିବାର ପ୍ରତି ପୋଷଣ କରୁଥିବା ଖୁଚୁରା ବ୍ୟବସାୟୀ ପିଆଜ ଦର ବୃଦ୍ଧି କୁ ନେଇ ଦୋକାନ ଖୋଲିବା କଷ୍ଟକର ହୋଇ ପଡିଲାଣି । ଏପରିକି ପିଆଜ ଖଣ୍ଡକୁ ଧରି ଶାଗ ପଖାଳ ଖାଇପାରୁଥିବା ଲୋକ ମାନଙ୍କ ପାଇଁ ଯେତିକି ଚିନ୍ତା ବଢିଛି ଚୁଲି ମାନଙ୍କରେ ତରକାରି, ଭଜା ଇତ୍ୟାଦି ରୋଷେଇ କରୁଥିବା ଗୃହିଣୀ ମାନେ ପିଆଜ ଗୋଟେ ମିଳୁ ନଥିବାରୁ ରନ୍ଧଣା ଖାଦ୍ୟରେବି ଓଲଟ ପାଲଟ କରି ଦେଉଛନ୍ତି । ପିଆଜ କିଲୋ ଆଗରୁ ୨୦ଟଙ୍କା ଥିବାବେଳେ ଏବେ ଏକ କିଲୋ କୁ ୯୦ଟଙ୍କା ହେବା ଘଟଣା ଏକ ପ୍ରକାର ତାଜୁବ କରି ଦେଲାଣି । ଏ ଦିଗରେ ଯୋଗାଣ ବିଭାଗ ଅଧିକାରୀ କଳା ବଜାରି ମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ତୁମ୍ବାପଦୀ ଗାଁ ରାସ୍ତା ଶୋଚନୀୟ

### ସ୍ଥାୟୀ ରାସ୍ତା ନିର୍ମାଣ ନେଇ ପ୍ରତିବାଦ ଜଣାଇଲେ ଶତାଧିକ ମହିଳା



**ଭଦ୍ରକ :** ଗତ ୨୧ତାରିଖ (ବୁଧବାର) ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତ ଅର୍ନ୍ତଗତ ତୁମ୍ବାପଦୀ ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର ଶତାଧିକ ମହିଳା ଓ ଗ୍ରାମବାସୀମାନେ ଏକତ୍ରୀତ ହୋଇ ନିଜ ଗ୍ରାମର ରାସ୍ତାକୁ ସ୍ଥାୟୀ ରାସ୍ତାରେ ପରିଣତ କରିବା ନେଇ ପ୍ରତିବାଦ ଜଣାଇଥିଲେ । ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତ ଅର୍ନ୍ତଗତ ୪ ନଂ ୱାର୍ଡ଼ ଅଧିନ ତୁମ୍ବାପଦୀ ଗାଁ । ଏହି ଗାଁ ସ୍ୱାଧିନତାର ୭୩ବର୍ଷ ପରେ ମଧ୍ୟ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ନଜର ଆଢୁଆଳରେ ରହିଯାଇଛି । ଏହି ଗାଁର ଲୋକ ସଂଖ୍ୟା ପାଖାପାଖି ୯୦୦ । ତନ୍ମଧ୍ୟରୁ ଭୋଟର ପାଖାପାଖି ୩୫୦ । ମାତ୍ର ଏଠାକୁ ଭଲ ରାସ୍ତାଟିଏ ନାହିଁ । ବାଙ୍କତିରା ସ୍କୁଲ ଠାରୁ ଏକ କାଦୁଅ ରାସ୍ତା ଏହାକୁ ସଂଯୋଗ କରୁଛି । ଏହି ରାସ୍ତାକୁ ଖରା ଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ ଦିନମାନଙ୍କରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦ ଶଂକୁଳ । ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ପ୍ରତିଦିନ ବାଙ୍କତିରା ସ୍କୁଲକୁ ,ଆଗରପଡ଼ା କଲେଜକୁ, କୋମଳମତୀ ଶିଶୁ ବାଙ୍କତିରା ଅଙ୍ଗନବାଡ଼ି କେନ୍ଦ୍ରକୁ ଅଧ୍ୟୟନ ପାଇଁ ଆସିଥାନ୍ତି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଖାଲ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏଁ ପାଣି ଜମା ହୋଇ ଯାଏ ଯଦ୍ୱାରା ଗମନାଗମନରେ ଘୋର ଅସୁବିଧା ସୃଷ୍ଟି ହୁଏ । ଏହି ରାସ୍ତାଟି ବନ୍ତ ବ୍ଲକ ଓଡ଼ଙ୍ଗ ପଂଚାୟତ ଅର୍ନ୍ତଗତ ସରମରା ଗାଁକୁ ମଧ୍ୟ ସଂଯୋଗ କରୁଛି । ରାସ୍ତା ବିପର୍ଯ୍ୟସ୍ତ ଥିବାରୁ ଗ୍ରାମବାସୀମାନେ ପ୍ରତିଦିନ ବ୍ଲକ ଓ ତହସିଲ ଆଦି କାର୍ଯ୍ୟାଳୟକୁ ଅଧିକ ଦୂରବର୍ତ୍ତୀ ରାସ୍ତାଦେଇ ଯାଆଆସ କରୁଛନ୍ତି । ରାସ୍ତା ସମସ୍ୟା ନେଇ 'ସମାଜ'ରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଗତ ଜୁନ ମାସରେ ବନ୍ତ ବ୍ଲକ ପ୍ରଶାସନ ତରଫରୁ ଉକ୍ତ ରାସ୍ତାର ତଦାରଖ କରାଯିବା ପରେ ସାଂସଦଙ୍କ ପାଣ୍ଠିରୁ ଅନୁମୋଦିତ ଅର୍ଥରେ ବାଙ୍କତିରା ସ୍କୁଲ ଠାରୁ ତୁମ୍ବାପଦୀ ପର୍ଯ୍ୟନ୍ତ ମୋରମ କାର୍ଯ୍ୟ କରାଯାଇଥିଲେ ସୁଦ୍ଧା ତାହା ତୁମ୍ବାପଦୀ ଗ୍ରାମ ରାସ୍ତାର ରୂପରେଖକୁ ପରିବର୍ତ୍ତନ କରିପାରି ନଥିଲା । ପୂର୍ବପରି ରାସ୍ତା ସାରା ଖାଲଖମାରରେ ଭର୍ତ୍ତି । ଗତ ଦୁଇଦିନ ତଳେ ଉକ୍ତ ଗ୍ରାମର ଉପେନ୍ଦ୍ର ଜେନା, ଜଳଧର ଗିରି ଓ ଶରତ ଗିରି ପ୍ରମୁଖ ଗ୍ରାମବାସୀ ନିଜସ୍ୱ ସଂଚିତ ଅର୍ଥରୁ ୨୦ ହଜାର ଟଙ୍କା ଖର୍ଚ୍ଚ କରି ରାସ୍ତା ମରାମତି କରିଥିଲେ । ତେଣୁ ଉକ୍ତ ରାସ୍ତାକୁ ଏକ ସ୍ଥାୟୀ ପକ୍କା ରାସ୍ତାରେ ପରିଣତ କରିବା ନେଇ ଗ୍ରାମର ଲକ୍ଷ୍ମୀ ନରାୟଣ, ମା' ଦକ୍ଷିଣେଶ୍ୱରୀ କାଳୀ, ମା' ଗ୍ରାମଦେବୀ ମିଶନ ଶକ୍ତି , ଜୟ ବଜରଙ୍ଗୀ, ମା' ସୁନାମୁଖୀ, ମା' ସରସ୍ୱତୀ ଆଦିବାସୀ, ମାରାଙ୍ଗ ମୁରୁ ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଭାପତି ଓ ସଂପାଦକଙ୍କ ସମେତ ଶତାଧିକ ମହିଳା ସଦସ୍ୟା ଏବଂ ନରହରି ଗିରି, କାର୍ତ୍ତିକ ଚନ୍ଦ୍ର ଗିରି, ନାରାୟଣ ଚନ୍ଦ୍ର ଜେନା, ଶତ୍ରୁଘ୍ନ ଖଣ୍ଡା ଓ ବାବାଜୀ ଚରଣ ଗିରି ପ୍ରମୁଖ ଗ୍ରାମବାସୀ ଏକତ୍ରୀତ ହୋଇ ପ୍ରତିବାଦ ଜଣାଇଥିଲେ । ଉକ୍ତ ରାସ୍ତାରେ ଲାଗି ରହିଥିବା ସମସ୍ୟାର ସମାଧାନ କରାନ ଗଲେ ଆଗାମୀ ଦିନରେ ସେମାନେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି କହିଥିଲେ । ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ପଦଯାତ୍ରା



**ନରସିଂହପୁର :** ଓଡିଶା ରାଜ୍ୟର ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦାବି କରି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବାଲିକୁଦା ବ୍ଲକ ଭଗବାନ ସିନ୍ଧୁ ଗ୍ରାମର ସତ୍ୟବ୍ରତ ଦାଶ ଏକ ପଦଯାତ୍ରା ଦୀର୍ଘ ୪୭୮ ଦିନ ଧରି ଜାରି ରଖିଛନ୍ତି । ଏହି ମାନ୍ୟତା କୁ ନେଇ ଗତ ୨୦୧୯ ମସିହା ଜୁଲାଇ ୧୦ ତାରିଖରୁ ତାଙ୍କର ପଦଯାତ୍ରା ଆରମ୍ଭ କରିଥିଲେ । ଗୁରୁବାର ଅପରାହ୍ଣରେ କଟକ ଜିଲ୍ଲାର ନରସିଂହପୁର ବ୍ଲକରେ ପହଞ୍ଚିଛନ୍ତି । ଶ୍ରୀ ଦାଶ ଙ୍କୁ ନରସିଂହପୁର ଓକିଲ ସଂଘ କମିଟିର ଅଧ୍ୟକ୍ଷ ତ୍ରିଲୋଚନ ମହାପାତ୍ର ନିଜିଗଡ ସରପଞ୍ଚ ପ୍ରଭାକର ମିଶ୍ର , ମୁକ୍ତି ସଂଗଠନର ସଭାପତି ସୁଶାନ୍ତ କୁମାର ମହାନ୍ତି, ସମ୍ବାଦିକ ସଂଘର ସଭାପତି ଦେବଦତ୍ତ ମଳୟ କୁମାର ବରାଳ, ସମ୍ପାଦକ ଭୁପେନ କୁମାର ଦାସ,ସାମ୍ବାଦିକ ବିନୋଦ କୁମାର ସାହୁ,ବିପିନ ବିହାରୀ ପଣ୍ଡା,ଶାନ୍ତନୁ କୁମାର ଗାଣ,ସୁବାସ ନାୟକ,ଶିକ୍ଷାବିତ ଦେବରାଜ ସ୍ୱାଇଁ, ଯୁବପିଢି ଅଭୟ ମହାନ୍ତି, ପ୍ରମୁଖ ନରସିଂହପୁର ପ୍ରବେଶ ଦ୍ୱାରରେ ପୁଷ୍ପମାଲ୍ୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହାପରେ ସେ ନରସିଂହପୁର ବ୍ଲକ ପରିସରରେ ପହଞ୍ଚି ବିଡିଓ ପ୍ରଦୀପ କୁମାର ସାହୁଙ୍କୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ସେ ଆଜି ପର୍ଯ୍ୟନ୍ତ ୩୧୪ ବ୍ଲକ ମଧ୍ୟରୁ ୨୬୩ ବ୍ଲକ ରେ ପହଞ୍ଚିଥିବା ବେଳେ ୮୪୦୦ କିମି ରାସ୍ତା ୪୭୮ ଦିନରେ ଅତିକ୍ରମ କରିସାରିଛନ୍ତି । ଶ୍ରୀ ଦାଶଙ୍କର ଏଭଳି ପଦକ୍ଷପକୁ ବିଭିନ୍ନ ସଂଗଠନ ଅନୁଷ୍ଠାନ ପକ୍ଷରୁ ଭୂୟସୀ ପ୍ରସଂଶା କରାଯାଇଛି ।



# ଶହୀଦ ସଂଗ୍ରାମୀ - ଜୟୀ ରାଜଗୁରୁ

**ଅକ୍ଷୟ କୁମାର ରାଉତ**

ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି । ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡ଼ିଶା ଇତିହାସରେ ବିରଳ । ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି । ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ ।



ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ । ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା । ପିଲାଦିନରୁ ଏହି ସାହାସ ତାଙ୍କର ଜଣାପଡୁଥିଲା । ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ । ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ । ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ । ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ । କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ । ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ । ମା'ଙ୍କ ଉପଦେଶରେ ସେ ଦେଶ, ଜଶ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ । ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ । ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ । ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ । ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି । ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ । ଇଂରେଜ ସେନାଧକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ । ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ । ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ ।

କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ । ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ । ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ । କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ । ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ । କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ । ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ । କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ । ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ ।



ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ । ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେଣ୍ଟ ଗଠିତ କଲେ । ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ । କୁଜଙ୍ଗର ଦୁର୍ଦ୍ଦଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉନଥିଲେ । ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ । ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ । ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା । ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ । ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ । ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ । ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା । ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ । ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ । ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ । ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ । ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ । କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ । ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ । ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ । ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ । ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ । କର୍ଣ୍ଣେଲ ହାର୍‌କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୂଖେ ଯାତ୍ରା କଲେ । ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ । କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ । କର୍ଣ୍ଣେଲ୍ ଫ୍ଲେଚର ଗାଇର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ । ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ । ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ । ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ । ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା । ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଲାଇ ଆଣିପାରିଲେ ନାହିଁ । ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା । ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ । ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧୀ ଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ । ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ ।

କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ । କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି । ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ । ତାପରେ କର୍ଣ୍ଣେଲ ହାର୍‌କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା । ମେଦିନୀପୁରସ୍ଥିତ ବାଳିତୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ । କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା ।

ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୬୯୧୪୭୫*



# ନିର୍ବାଚନ ପ୍ରକ୍ରିୟାରୁ ସଂଗ୍ରାମ ମହାପାତ୍ରଙ୍କୁ ବାଦ୍ ଦିଅନ୍ତୁ ନିର୍ବାଚନ ଅଧିକାରୀ : ପୃଥ୍ୱୀରାଜ



**ଭୁବନେଶ୍ୱର :** ତିର୍ତ୍ତୋଲ ଉପନିର୍ବାଚନରେ ଭୋଟରଙ୍କୁ ବିଜେଡି ସପକ୍ଷରେ ଭୋଟ ଦେବା ଲାଗି ସରକାରୀ ପ୍ରଶାସନିକ ଅଧିକାରୀ ପ୍ରବର୍ତ୍ତାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ନିର୍ବାଚନ ଆଚରଣବିଧି ଉଲ୍ଲଘଂନ କରୁଥିବା ସମୟରେ ଏବେ ଜଗତସିଂହପୁରର ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବିଜେଡିକୁ ଜିତାଇବାର ଠିକା ନେଇଛନ୍ତି । ସରକାରୀ ଅଧିକାରୀ ହୋଇ ବିଜେଡି ଦଳ ପାଇଁ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଭୋଟରଙ୍କୁ ପ୍ରବର୍ତ୍ତାଇବା ଏବଂ ଧମକାଇବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏହା ବିରୁଦ୍ଧରେ ବିଜେପିର ଏକ ପ୍ରତିନିଧୀ ଦଳ ଗତ ଅକ୍ଟୋବର ୨୪ ତାରିଖରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ତଥ୍ୟ ପ୍ରମାଣ ଉପସ୍ଥାପନ କରି ସଂପୃକ୍ତ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା । କିନ୍ତୁ ଏ ଘଟଣାକୁ ୭ ଦିନ ବିତିଥିଲେ ବି ରାଜ୍ୟ ନିର୍ବାଚନ ଅଧିକାରୀ ଦୋଷୀଙ୍କ ବିରୁଦ୍ଧରେ କୌଣସି ପଦକ୍ଷପ ନନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି । ଗତ ୧୨ ଦିନ ଧରି ତିର୍ତ୍ତୋଲ ଉପନର୍ବାଚନରେ ଜଗତସିଂହପୁରର ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବେଆଇନ ଭାବେ ନିଜ କ୍ଷମତାକୁ ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଛନ୍ତି । ଉପନିର୍ବାଚନ ପୂର୍ବରୁ ତାଙ୍କ ନାଁରେ ଶାସକ ଦଳ ସପକ୍ଷରେ କାର୍ଯ୍ୟ କରୁଥିବାର ଅଭିଯୋଗ ଆସିବାରୁ ତାଙ୍କୁ ଜିଲ୍ଲାପାଳ ପଦବୀରୁ ହଟାଇ ଦିଆଯାଇଥିଲା । କିନ୍ତୁ ଏବେ ସେ ପୁଣିଥରେ ତିର୍ତ୍ତୋଲରେ ପହଂଚି ନିଜ ଆଧିପତ୍ୟ ଦେଖାଉଛନ୍ତି । ଅନ୍ୟ ବିଭାଗରେ ନିଯୁକ୍ତ ହେବା ପରେ ବି ଶ୍ରୀ ମହାପାତ୍ର ତିର୍ତ୍ତୋଲରେ ପହଂଚି ନିର୍ବାଚନ ପ୍ରଚାରରୁ ବିରତ ରହିବା ପାଇଁ ବିରୋଧୀ ବିଜେପି ଦଳର ନେତୃବୃନ୍ଦଙ୍କୁ ଧମକ ଦେଉଛନ୍ତି । କେବଳ ସେତିକି ନୁହେଁ ବିଜେଡିକୁ ଭୋଟ ନଦେଲେ ସରକାରୀ ଯୋଜନାରୁ ନାଁ କାଟିଦେବାର ଭୟ ଗରିବ ଲୋକମାନଙ୍କୁ ଦେଖାଉଛନ୍ତି । ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଶ୍ରୀ ମହାପାତ୍ରଙ୍କ ଘର ହୋଇଥିବାରୁ ସେ ସମସ୍ତ ସରକାରୀ ଅଧିକାରୀଙ୍କୁ ବିଜେଡି ସପକ୍ଷରେ କାମ କରିବା ପାଇଁ ତାଗିଦ୍ କରିବା ସହ ଖୁବଶୀଘ୍ର ସେ ପୁଣିଥରେ ଜିଲ୍ଲାପାଳ ଭାବେ ଦାୟୀତ୍ୱ ନେବେ ବୋଲି ଖୋଲା ଖୋଲି ଭାବେ କହୁଛନ୍ତି । ସରକାରୀ ଅଧିକାରୀ ହୋଇ ଏକ ନିର୍ଦ୍ଦିଷ୍ଟ ଦଳ ପାଇଁ କାର୍ଯ୍ୟ କରିବା ସଂପୂର୍ଣ୍ଣଭାବେ ବେଆଇନ । ଯଦି ବିଜେଡି ସପକ୍ଷରେ ପ୍ରଚାର କରିବାର ଅଛି ତେବେ ସଂଗ୍ରାମ ବାବୁ ସରକାରୀ ଚାକିରୀ ଛାଡି ଦଳ ପାଇଁ ପ୍ରଚାର କରନ୍ତୁ । ପ୍ରଶାସନିକ ଅଧିକାରୀ ଭାବେ ସେ ଏଭଳି ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରିବା ଘଟଣାକୁ ବିଜେପି କେବେ ବରଦାସ୍ତ କରିବ ନାହିଁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଏଭଳି ଏକ ଅପରାଧିକ କାର୍ଯ୍ୟରେ ସାମିଲ ଥିବା ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ ମହାପାତ୍ରଙ୍କ ବିରୁଦ୍ଧରେ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ଏହି ନିର୍ବାଚନ ପ୍ରକ୍ରିୟାରୁ ବାଦ୍ ଦେବାକୁ ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି । ସରକାରୀ ଦଳ ଚାପରେ ଯଦି ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତେବେ ଆଗାମୀ ଦିନରେ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ ଅଭିଯୋଗରେ ରାଜ୍ୟ ବିଜେପି ପକ୍ଷରୁ ଜାତୀୟ ନିର୍ବାଚନ ଆୟୋଗ ଏବଂ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିପାର୍ଟମେଂଟ ଅଫ୍ ପର୍ସୋନେଲ୍ ଏଣ୍ଡ ଟ୍ରେନିଂ) ରେ ଅଭିଯୋଗ କରାଯିବ ବୋଲି ଶ୍ରୀ ହରିଚନ୍ଦନ ଚେତାବନୀ ଦେଇଛନ୍ତି ।

# କରୋନା ପାଇଁ ଫିକା ପଡ଼ିଲା ୧୫୦ବର୍ଷ ପୁରାତନ ଲକ୍ଷ୍ମୀନାରାୟଣ ପୂଜା



**ଭଦ୍ରକ :** କୋଭିଡ଼-୧୯ର ଭୟାଭହତାକୁ ଆଖି ଆଗରେ ରଖି ସରକାର ବିଭିନ୍ନ କାର୍ଯ୍ୟକ୍ରମରେ ଅଙ୍କୁଶ ଲଗାଇଥିବା ବେଳେ ଏଥିରୁ ପୂଜା ପର୍ବ ମଧ୍ୟ ବାଦ ପଡ଼ି ନାହିଁ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଆରମ୍ଭ ହୋଇଥିବା ପ୍ରସିଦ୍ଧ 'ଲକ୍ଷ୍ମୀନାରାୟଣ' ପୂଜା ଅନ୍ୟତମ । ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତ ଅନ୍ତର୍ଗତ ତୁମ୍ପଦୀ ଗ୍ରାମରେ ଆଜକୁ ପ୍ରାୟ ୧୫୦ବର୍ଷ ଧରି ପାଳିତ ହୋଇ ଆସୁଥିବା 'ଲକ୍ଷ୍ମୀନାରାୟଣ' ପୂଜାକୁ ଫିକା କରି ଦେଇଛି କୋଭିଡ଼-୧୯ । ସୂଚନା ଅନୁଯାୟୀ ଗୋଲା ସଂପ୍ରଦାୟର କୁଳ ଦେବାଦେବୀ ରୂପେ ପୂଜା ପାଆନ୍ତି 'ଲକ୍ଷ୍ମୀନାରାୟଣ' । ଆଜକୁ ପ୍ରାୟ ୧୫୦ ବର୍ଷ ପୂର୍ବେ ବନ୍ତ ବ୍ଲକ ଛୟାଳସିଂହ ପଂଚାୟତ ଅନ୍ତର୍ଗତ ପଳସା ଗ୍ରାମରେ ଏହି ସଂପ୍ରଦାୟର ଲୋକେ ଉକ୍ତ ପୂଜା ଆରମ୍ଭ କରିଥିଲେ । ସମୟାନୁକ୍ରମେ କିଛି ଲୋକ ପଳସା ଗ୍ରାମରୁ ଆସି କାଦବରାଙ୍ଗ ପଂଚାୟତ ଅନ୍ତର୍ଗତ ତୁମ୍ପଦୀ ଗ୍ରାମରେ ନିଜର ବସତି ସ୍ଥାପନ କରିବା ପରେ ସେଠାରେ କଳସ ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ କଲେ । ପରବର୍ତ୍ତୀ ମୁହୂର୍ତ୍ତରେ ପରିବାର ସଂଖ୍ୟା ବୃଦ୍ଧି ପାଇବାରୁ ସମସ୍ତଙ୍କର ମିଳିତ ସହଯୋଗରେ ମେଢ ପୂଜା ଆରମ୍ଭ କରାଯାଇଥିଲା । ଆଜକୁ ଉକ୍ତ ତୁମ୍ପଦୀ ଗ୍ରାମରେ ୭୦ ବର୍ଷ ହେବ 'ଲକ୍ଷ୍ମୀନାରାୟଣ'ଙ୍କ ମେଢ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଅଛି । ଏହାକୁ ନକୂଳ ଚନ୍ଦ୍ର ଗିରି, ଯୁଧିଷ୍ଠିର ଗିରି, କ୍ଷେତ୍ର ଗିରି, ଚୈତନ୍ୟ ଗିରି, ମଧୂସୂଦନ ଜେନା, ମଣିଭଦ୍ର ଜେନା ଏବଂ ବହ୍ଳବ ଦାସ ପ୍ରମୁଖ ଆରମ୍ଭ କରିଥିଲେ । ପ୍ରଥମେ ଖୋଲା ଆକାଶ ତଳେ ଦେବାଦେବୀ ପୂଜା ପାଇବା ପରେ କଂଗ୍ରେସ ଦଳ ବରିଷ୍ଠ ନେତା ଅନନ୍ତ ସେଠୀଙ୍କ ସହଯୋଗ ଓ ଗ୍ରାମବାସୀଙ୍କ ଉଦ୍ୟମ କ୍ରମେ ଏକ ଗୃହ ନିର୍ମାଣ କରାଯାଇ ଉକ୍ତ ଗୃହରେ ମେଢ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ବର୍ତ୍ତମାନ ଲକ୍ଷ୍ମୀନାରାୟଣ ଗୋଲା ନାମରେ ଏକ ସଂଗଠନ କରାଯାଇ ସଂଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ପ୍ରତିବର୍ଷ ଉକ୍ତ ପୂଜା ଧୂମଧାମରେ ପାଳନ କରାଯାଇଥାଏ । କିନ୍ତୁ ସଂଗଠନର ସଂପାଦକ ଉପେନ୍ଦ୍ର ଜେନାଙ୍କ କହିବା ଅନୁଯାୟୀ ଚଳିତ ବର୍ଷ କରୋନା କଟକଣା ଯୋଗୁଁ ଆୟୋଜିତ ପୂଜା ଧୂମଧାମରେ ପାଳିତ ହୋଇପାରିବ ନାହିଁ । ଦୀର୍ଘ ବର୍ଷ ଧରି ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତରା ପଂଚାୟତ ଅନ୍ତର୍ଗତ କନ୍ଦଡ଼ା ଗ୍ରାମ ଅଧିବାସୀ ଦାମୋଦର ବେହେରା ଓ ତାଙ୍କ ପୂର୍ବ ପୁରୁଷ ଏଠାରେ ମୃଣ୍ମୟ ମୂର୍ତ୍ତୀ ନିର୍ମାଣ କରୁଛନ୍ତି । ଦାମୋଦରଙ୍କ କହିବା ଅନୁଯାୟୀ ଚଳିତ ବର୍ଷ କରୋନା କଟକଣା ଯୋଗୁଁ ପୂର୍ବ ବର୍ଷ ପରି ମେଢ ନିର୍ମାଣ ହୋଇପାରି ନାହିଁ । ପାର୍ଶ୍ୱମୂର୍ତ୍ତୀ ମଧ୍ୟ ନିର୍ମାଣ କରାଯାଇ ନାହିଁ । ଏହି ପୂଜା ଏଠାରେ ୫ ଦିନ ଧରି ଚାଲିବ । ଭଦ୍ରକ ଜିଲାର ପ୍ରାୟ ୧୦ଟି ପଂଚାୟତର ଲୋକଙ୍କର ଏଠାରେ ସମାଗମ ହୋଇଥାଏ । ପ୍ରତିଦିନ ସଂଧ୍ୟାରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ । କିନ୍ତୁ ଏଥର କରୋନା କଟକଣା ଓ ପ୍ରାଶାସନିକ ଗାଇଡ଼ଲାଇନ ଅନୁସାରେ ନିରାଡ଼ମ୍ବର ଭାବେ ପାଳିତ ହେଉଥିବା ପୂଜା ଆଗାମୀ ବର୍ଷ ଦେବୀଙ୍କ କୃପାରୁ ମହାମାରୀରୁ ଦେଶ ତଥା ରାଜ୍ୟବାସୀଙ୍କୁ ରକ୍ଷା କରି ତାର ପୂର୍ବ ଆକର୍ଷଣ ଫେରି ପାଇବ ବୋଲି "ଲକ୍ଷ୍ମୀନାରାୟଣ ଗୋଲା ସଂଗଠନ" ଆଶାବ୍ୟକ୍ତ କରିଛି ।

# ପାରିବାରିକ ସମସ୍ୟା ନେଲାଣି ୨୭୭୯ ଜୀବନ

**ଭୁବନେଶ୍ୱର :** ଜୀବନ କାଳରେ ଆସୁଥିବା ବାଧାବିଘ୍ନ, ସୁବିଧା-ଅସୁବିଧା ଓ ସମସ୍ୟାକୁ ସମ୍ମୁଖୀନ କରିନପାରି ମଣିଷ ଆତ୍ମହତ୍ୟା ରାସ୍ତାକୁ ବାଛି ନେଉଛି। ବିଶେଷ କରି ପାରିପାରିବ ସମସ୍ୟା ଯୋଗୁଁ ପୁରୁଷମାନେ ଅଧିକ ମାତ୍ରାରେ ଏହି ରାସ୍ତାକୁ ଆପଣାଉଛନ୍ତି। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ଆତ୍ମହତ୍ୟା ସଂଖ୍ୟା ଢେର ପଛରେ ରହିଛି। ନିକଟରେ ପ୍ରକାଶିତ ଏନ୍‌ସିଆରବି(ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ) ରିପୋର୍ଟରୁ ଏଭଳି ତଥ୍ୟ ମିଳିଛି। ତଥ୍ୟା ଅନୁସାରେ, ୨୦୧୯ରେ ରାଜ୍ୟରେ ମୋଟ ୪ହଜାର ୫୮୨ ଜଣ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ମଧ୍ୟରେ ୨ହଜାର ୫୯୬ ଜଣ ପୁରୁଷ ଥିବା ବେଳେ ୧ହଜାର ୯୮୬ ଜଣ ମହିଳା ଅଛନ୍ତି। ପାରିବାରିକ ସମସ୍ୟାର ସମ୍ମୁଖୀନ ହୋଇ ରାଜ୍ୟରେ ୨୭୭୯ ଜଣ ଆତ୍ମହତ୍ୟା କରିଛନ୍ତି। ଏମାନଙ୍କ ମଧ୍ୟରୁ ୧,୫୩୬ଜଣ ପୁରୁଷ ଥିବା ବେଳେ, ୧୨୪୩ ଜଣ ମହିଳା। ସେହିପରି ବୈବାହିକ ଜୀବନରେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେବାରୁ ୧୭୭ ଜଣ ଆତ୍ମହତ୍ୟା କରିଛନ୍ତି। ନିଜ ଇଚ୍ଛାମୁତାବକ ବିବାହ ନହେବାରୁ ୪୦ଜଣ ପ୍ରାଣ ହାରିଥିବା ବେଳେ ଯୌତୁକଜନିତ ସମସ୍ୟାରୁ ୨୦ଜଣ ଆତ୍ମହତ୍ୟା କରିଥିଲେ। ଅନ୍ୟପକ୍ଷରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ନହୋଇପାରିବାରୁ ୭୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ଚାକିରୀ ନମିଳିବାରୁ ୧୭ ଜଣ ଆତ୍ମହତ୍ୟା କରିଥିଲେ। ସେହିପରି ନିଜ ସମ୍ପର୍କୀୟଙ୍କ ମୃତ୍ୟୁକୁ ସହିନପାରି ୩ଜଣ ଆତ୍ମହତ୍ୟା କରିଥିଲେ। ୨୦୧୯ରେ ସମଗ୍ର ଭାରତରେ ୧ ଲକ୍ଷ ୩୫ ହଜାର ୬୫୧ଜଣ ଆତ୍ମହତ୍ୟା କରିଛନ୍ତି। ପୂର୍ବବର୍ଷ ଅପେକ୍ଷା ଦେଶରେ ୩.୫ପ୍ରତିଶତ ଆତ୍ମହତ୍ୟା ଜନିତ ମୃତ୍ୟୁ ସଂଖ୍ୟା ବଢ଼ିଛି। ଏହି ମୃତ୍ୟୁ ସଂଖ୍ୟାରେ ଓଡ଼ିଶା ୧୨ତମ ସ୍ଥାନରେ ଅଛି। ସେହିପରି ପ୍ରଥମ ସ୍ଥାନରେ ମହାରାଷ୍ଟ୍ର ରହିଛି। ଯାହାର ମୃତ୍ୟୁ ସଂଖ୍ୟା ୧୮ହଜାର ୯୧୬ ରହିଛି। ଦ୍ୱିତୀୟ ସ୍ଥାନରେ ତାମିଲନାଡୁ, ତୃତୀୟରେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଚତୁର୍ଥରେ ମଧ୍ୟପ୍ରଦେଶ ଓ ପଞ୍ଚମରେ କର୍ଣ୍ଣାଟକ ରହିଛି। ଅନ୍ୟ ରାଜ୍ୟ ଗୁଡ଼ିକରେ ବର୍ଷକୁ ବର୍ଷ ଆତ୍ମହତ୍ୟା ହାର ବଢୁଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା କମୁଛି। ୨୦୧୯ ଅପେକ୍ଷା ୨୦୧୮ରେ ଆତ୍ମହତ୍ୟା ହାର ୦.୨ପ୍ରତିଶତ କମିଛି। ୨୦୧୮ରେ ରାଜ୍ୟରେ ୪ହଜାର ୫୯୨ଜଣ ଆତ୍ମହତ୍ୟା କରିଥିଲେ। ତେବେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଲୋକମାନେ ସୁସ୍ଥ ମାନସିକତା ଆଡକୁ ଅଗ୍ରସର ହେଉଥିବା ରିପୋର୍ଟରୁ ଜଣାପଡ଼ିଛି। ଅପରପକ୍ଷରେ ମନୋବିଜ୍ଞାନୀ ଧିରେନ୍ଦ୍ର ନାଥ ପରିଡାଙ୍କ ମତରେ, ସମାଜରେ ବଞ୍ଚିବାକୁ ହେଲେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସମସ୍ୟା ଗୁଡ଼ିକ ଅନ୍ୟମାନଙ୍କ ଆଗରେ ପ୍ରକାଶ କଲେ ନିଜକୁ ଟିକେ ମୁକ୍ତ ମିଳିଥାଏ। ହେଲେ ପାରିବାରିକ ସମସ୍ୟା କାହା ଆଗରେ ସହଜରେ ଆଦାନପ୍ରଦାନ କରିହୁଏ ନାହିଁ। ଯେଉଁଥିପାଇଁ ଅଧିକାଂଶ ଲୋକେ ମାନସିକ ଚାପଗ୍ରସ୍ତ ହୋଇ ଶେଷରେ ଆତ୍ମହତ୍ୟାର ରାସ୍ତା ବାଛିଥାନ୍ତି। ଏଥିପାଇଁ ସଚେତନ ହେବା ସହ ଧୈର୍ଯ୍ୟ ରଖିବାକୁ ପଡ଼ିବ। ସମାଜରେ ବଞ୍ଚିବାକୁ ହେଲେ ଅନେକ ବାଧାବିଘ୍ନ ସହିବାକୁ ପଡିବ ବୋଲି ଆମକୁ ଧରିନେବାକୁ ପଡ଼ିବ।




# ‘ଦୃଢ଼ମନା ଓ ଦୂରଦର୍ଶୀ ନେତା ଥିଲେ ସର୍ଦ୍ଦାର ପଟେଲ’



**ଭୁବନେଶ୍ୱର :** ସର୍ଦ୍ଦାର ପଟେଲଙ୍କୁ ଲୌହପୁରୁଷ, ଆଇରନ ମ୍ୟାନ କୁହାଯାଉଥିଲା। କାରଣ ତାଙ୍କ ବ୍ୟକ୍ତିତ୍ୱରେ ଶକ୍ତି ତଥା ଦୃଢ଼ତା ପ୍ରକଟିତ ହୋଇଥିଲା। ଅନ୍ୟମାନଙ୍କ ପ୍ରତି ସର୍ଦ୍ଦାରଙ୍କ ମନରେ କୋମଳତା ରହିଥିଲେ ମଧ୍ୟ ବ୍ୟକ୍ତିଗତ ଭାବେ କୌଣସି ନିଷ୍ପତ୍ତି ନେବା କ୍ଷେତ୍ରରେ ସେ ବେଶ ଦୃଢ଼ଥିଲେ ବୋଲି କହିଛନ୍ତି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ (ଆରଓବି) ଓଡ଼ିଶା ଶାଖା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ତଥା ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୫ତମ ଜୟନ୍ତୀ ଅବସରରେ ଆୟୋଜିତ ‘ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ : ଏକତାର ମହାନ ସୂତ୍ରଧର’ ଶୀର୍ଷକ ୱେବିନାରରେ ରାଜ୍ୟପାଳ ଏହା କହିଥିଲେ। ଆଧୁନିକ ଅଖଣ୍ଡ ଭାରତର ନିର୍ମାତା ଲୌହପୁରୁଷଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ ଆହୁରି କହିଥିଲେ ଯେ ବର୍ଦ୍ଦୋଲିରେ ଯେଉଁ ସତ୍ୟାଗ୍ରହ ହୋଇଥିଲା, ସେଥିରେ ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସକମାନେ ସେଠାକାର କୃଷକମାନଙ୍କ ଉପରେ ଲାଗୁ କରିଥିବା ଟିକସ ବୋଝକୁ ଉଚ୍ଛେଦ କରିବା ଦାବିରେ ଶାନ୍ତିପୂର୍ଣ୍ଣ ଭାବେ, ଅହିଂସା ମାର୍ଗରେ ସର୍ଦ୍ଦାର ପଟେଲ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏଥିରେ ମିଳିଥିବା ସଫଳତା ପରେ ଦେଶର ଜନସାଧାରଣ ତାଙ୍କୁ ସର୍ଦ୍ଦାର ନାମରେ ସମ୍ବୋଧିତ କରିଥିଲେ। ଏବେ ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ଗୁଜରାଟର ସର୍ଦ୍ଦାର ସରୋବର ନଦୀବନ୍ଧ ନିକଟରେ ବିଶ୍ୱର ସବୁଠୁ ବଡ଼ ୧୮୨ ମିଟର ଉଚ୍ଚ ଷ୍ଟାଚ୍ୟୁ ଅଫ ୟୁନିଟିର ନିର୍ମାଣ କରାଯାଇଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଛିବର୍ଷ ପୂର୍ବେ ଉଦଘାଟନ କରିଛନ୍ତି। ଅଖଣ୍ଡ ଭାରତର ରାଷ୍ଟ୍ର ନାୟକ ସର୍ଦ୍ଦାର ପଟେଲଙ୍କ ପ୍ରତି ଏହା ବାସ୍ତବ ଶ୍ରଦ୍ଧାଞ୍ଜଳି। ଷ୍ଟାଚ୍ୟୁ ଅଫ ୟୁନିଟି ସମଗ୍ର ବିଶ୍ୱକୁ ଆଉ ଏକ ବାର୍ତ୍ତା ଦେଉଛି। ତାହା ହେଉଛି ବିବିଧତା ମଧ୍ୟରେ ଏକତା। ବିଶ୍ୱର ସବୁ ରାଷ୍ଟ୍ର ପରସ୍ପର ସହ ମିଶି ଏକଜୁଟ ହୋଇ ରହିପାରିବେ। ସେମାନେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ କରି ତଥା ପରସ୍ପରର ସ୍ୱତନ୍ତ୍ର ପରିଚୟକୁ ସଂରକ୍ଷିତ କରି ବିଶ୍ୱ ହିତ ପାଇଁ ଏକତ୍ର ଭାବେ ବିକଶିତ ହୋଇପାରିବେ। ସର୍ଦ୍ଦାର ପଟେଲଙ୍କ ଷ୍ଟାଚ୍ୟୁ ଅଫ ୟୁନିଟି ପ୍ରତିମୂର୍ତ୍ତି ମାଧ୍ୟମରେ ପ୍ରଧାନମନ୍ତ୍ରୀ ସମଗ୍ର ବିଶ୍ୱକୁ ଏହି ବାର୍ତ୍ତା ଦେବା ଲାଗି ପ୍ରୟାସ କରୁଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ସର୍ଦ୍ଦାର ପଟେଲଙ୍କ ବ୍ୟକ୍ତିତ୍ୱ ବିଷୟରେ ବର୍ଣ୍ଣନା କରି ରାଜ୍ୟପାଳ ପୁଣି କହିଥିଲେ ଯେ ସର୍ଦ୍ଦାର ସାହାବଙ୍କ ମଧ୍ୟରେ ଛତ୍ରପତି ଶିବାଜୀଙ୍କ ଭଳି ଦୂରଦର୍ଶୀତା, କୌଟିଲ୍ୟଙ୍କ ଭଳି କୂଟନୈତିକ ବୁଦ୍ଧି ସମାହିତ ହୋଇ ରହିଥିଲା। ଭାରତୀୟ ପ୍ରଶାସନିକ ସେବାକୁ ସେ ରାଜଭକ୍ତିରୁ ରାଷ୍ଟ୍ରଭକ୍ତି ରୂପରେ ରୂପାନ୍ତରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ରାଜ୍ୟ ସୂଚନା କମିଶନର ଦିଲ୍ଲୀପ ବିଶୋୟୀ କହିଥିଲେ ଯେ ଦେଶୀୟ ରାଜ୍ୟଗୁଡ଼ିକୁ ମୂଳ ଭୂଖଣ୍ଡ ସହିତ ମିଶାଇ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ପ୍ରମୁଖ ଭୂମିକା ରହିଥିଲା। ଭାରତୀୟ ପ୍ରଶାସନିକ ସେବାକୁ ସେ ସଂଗଠିତ କରିପାରିଥିଲେ। ଦେଶର ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ସେ ଦୃଢ଼ କରିଥିଲେ।







# ଘରେ ଥାଇ ଦେଖିପାରିବେ ନନ୍ଦନକାନନ

**ଭୁବନେଶ୍ୱର :** ନନ୍ଦନକାନନ ପ୍ରତିଷ୍ଠା ଦିବସରେ ନନ୍ଦନକାନନ କର୍ତ୍ତୃପକ୍ଷ ବଡ଼ ନିଷ୍ପତ୍ତି ନେଇଛନ୍ତି। ଘରେ ଥାଇ ପର୍ଯ୍ୟଟକ କିପରି ନନ୍ଦନକାନନ ଭ୍ରମଣ କରିପାରିବେ ସେଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ବନ୍ଦୋବସ୍ତ କରିଛନ୍ତି। ଏଣିକି ଭର୍ଚୁଆଲ୍ ମାଧ୍ୟମରେ ପର୍ଯ୍ୟଟକ ନନ୍ଦନକାନନ ଭ୍ରମଣ କରିପାରିବେ। ଅର୍ଥାତ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ୱେବସାଇଟ୍ ମାଧ୍ୟମରେ ଚିଡ଼ିଆଖାନାର ସମସ୍ତ ଏନକ୍ଲୋଜର୍ ଓ ସଫାରୀ ଦେଖିପାରିବେ। ୩୬୦ ଡିଗ୍ରୀ କୋଣରୁ ସମସ୍ତ ଜୀବଜନ୍ତୁଙ୍କୁ ଅତି ନିକଟରୁ ଦେଖିପାରିବେ। nandankanan.org/tour କିମ୍ବା nandankanan.orgରେ ଲଗ୍‌ଇନ୍ କରି ପର୍ଯ୍ୟଟକ ନନ୍ଦନକାନନର ଜୀବଜନ୍ତୁଙ୍କୁ ଦେଖିପାରିବେ। ଏହି ଭର୍ଚୁଆଲ ଟୁର୍ ମାଧ୍ୟମରେ ପର୍ଯ୍ୟଟକମାନେ କେବଳ ପଶୁପକ୍ଷୀ, ସରୀସୃପ ନୁହଁନ୍ତି ବରଂ ନନ୍ଦନକାନନସ୍ଥିତ କାଞ୍ଜିଆ ହ୍ରଦ ଓ ବିଭିନ୍ନ ପ୍ରଜାତିର ଉଦ୍ଭିଦ ଏବଂ ସଂଗ୍ରହାଳୟ ମଧ୍ୟ ଦେଖିପାରିବେ। କରୋନା କଟକଣା ମଧ୍ୟରେ ଦୂରଦୂରାନ୍ତରୁ ନନ୍ଦନକାନନ ଭ୍ରମଣରେ ଆସିପାରୁନଥିବା ପର୍ଯ୍ୟଟକଙ୍କ ପାଇଁ ଏପରି ସୁବିଧା କରାଯାଇଛି। ମାର୍ଚ୍ଚମାସରୁ ଦୀର୍ଘ ୭ ମାସ ଧରି ବନ୍ଦ ରହିଥିବା ନନ୍ଦନକାନନ ଅକ୍ଟୋବର ୪ ତାରିଖରେ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଥିଲା। ସୂଚନା ଥାଉକି ଭର୍ଚୁଆଲ ଟୁର୍ ସୁବିଧା ଯୋଗାଉଥିବା ଚିଡ଼ିଆଖାନା ମଧ୍ୟରେ ନନ୍ଦନକାନନ ପଞ୍ଚମ ଅଟେ। ୪୩୭ ହେକ୍ଟର ପରିମିତ ଅଞ୍ଚଳରେ ପ୍ରାଣୀ ଉଦ୍ୟାନ, ଉଦ୍ଭିଦ ଉଦ୍ୟାନ ସହ ଜଳଶାଳା ରହିଛି। ଶିଶୁଠାରୁ ବୟସ୍କଙ୍କର ଏହି ସ୍ଥାନ ଉପଯୁକ୍ତ ପର୍ଯ୍ୟଟନସ୍ଥଳ ଭାବେ ବିବେଚିତ।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି